୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.178 Bhubaneswar Wednesday August 21 2024 | ୨୬ତମ ବର୍ଷ ସଂଖ୍ୟା–୧୭୮ ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୧, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ଦାରିଦ୍ର୍ୟ ଓ ନିରକ୍ଷରତା ଦୂରିକରଣ ଥିଲା ରାଜୀବ ଗାନ୍ଧୀଙ୍କ ସ୍ୱପ୍ନ

## ରାଜୀବ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଯୁବ ପିଢ଼ିଙ୍କୁ ଅତିଥିମାନଙ୍କ ଆହ୍ୱାନ








ଭୁବନେଶ୍ୱର, ୨୦।୮(ପି.ଏନ): ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡ଼ି ସର୍କଲ ମିଳିତ ଆନୁକୂଲ୍ୟରେ ରାଜୀବ ଗାନ୍ଧୀଙ୍କର ୮୦ ତମ ଜନ୍ମ ଜୟନ୍ତୀ ଓ ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ଉତ୍ସବ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୧ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଯୋଗ ଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱୋଳନ କରି ଉଦ୍‌ଘାଟନ କରିଥିଲେ। ଯୁବକମାନେ ସମ୍ଭାବନାର ଶକ୍ତି, ରାଜୀବ ଗାନ୍ଧୀ ଭାରତକୁ ଶୋଷଣ ଦୁର୍ନୀତି ଓ ବୈଷମ୍ୟ ମୁକ୍ତ ସମାଜ ଗଠନ କରିବାକୁ ସଂକଳ୍ପ ବଦ୍ଧ ହୋଇଥିଲେ। ସୂଚନା ଓ ପ୍ରଜୁକ୍ତି ବିଦ୍ୟା କ୍ଷେତ୍ରରେ ଭାରତବର୍ଷକୁ ସର୍ବଶ୍ରେଷ୍ଠ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ରାଜୀବ ଗାନ୍ଧୀଙ୍କ ଉଦ୍ୟମ ଚିର ପ୍ରଶଂସନୀୟ ବୋଲି ମୁଖ୍ୟ ଅତିଥି କୁମର ବର ଦାସ ନିଜ ଭାଷଣରେ କହିଥିଲେ। ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥାଇ ବି ରାଜସ୍ୱର ୧ ଟଙ୍କାରୁ ୮୦ ପଇସା ବାଟମାରଣା ହେବା ଅତ୍ୟନ୍ତ ଚିନ୍ତାଜନକ କହି ନିଜ ସରକାରଙ୍କୁ ବି ସମାଲୋଚନା କରିବାକୁ ପଛାଇନଥିଲେ। ୧୮ ବର୍ଷର ଭୋଟ ଦାନ ଅଧିକାର ଥିଲା ତାଙ୍କର ଐତିହାସିକ ନିଷ୍ପତି। ସର୍ବଧର୍ମ ସମଭାବପନ୍ନ ବିଶ୍ୱାସ କରିବା, ପଂଚାୟତ ରାଜ ବ୍ୟବସ୍ଥାରେ ମହିଳାକୁ ସୁଯୋଗ ଦେବା ଓ କେବିକେକୁ ସ୍ୱତନ୍ତ୍ର ଧ୍ୟାନ ଦେବା ତାଙ୍କର ଅବଦାନ ଚିରସ୍ମରଣୀୟ ବୋଲି ମୁଖ୍ୟବକ୍ତା ଭାବରେ ଯୋଗଦେଇ ପ୍ରାକ୍ତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀୟ ଅତିଥି ଭାବରେ ଭାରତୀୟ ବାୟୁସେନାର ପ୍ରାକ୍ତନ ଏୟାର ଭାଇସ୍ ମାର୍ଶଲ ମହାରାଜା ମହନ୍ତ, ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହି, ଦୈନିକ ଖବରକାଗଜ ପର୍ଯ୍ୟବେକ୍ଷକ ତଥା କଳିଙ୍ଗ କ୍ଲୋନିକିଲ୍‌ର ମୁଖ୍ୟ ସମ୍ପାଦକ ପବିତ୍ର ମୋହନ ସାମନ୍ତରାୟ ଯୋଗ ଦେଇ ରାଜୀବ ଗାନ୍ଧୀଙ୍କ ବହୁମୁଖି ପ୍ରତିଭା ବିଷୟରେ ନିଜର ଅନୁଭୂତିକୁ ବର୍ଣ୍ଣନା କରିଥିଲେ। ରାଜ୍ୟସଭାପତି ସତ୍ୟବ୍ରତ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଆଜିର ସମ୍ମାନୀତ ପ୍ରତିଭାବାନ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ତାଙ୍କର କର୍ମମୟ ଜୀବନରେ ସେବା ମନବୃତି ନେଇ କାର୍ଯ୍ୟକଲେ ତାହା ରାଜୀବ ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ଫୋରମ୍ ସାଧାରଣ ସମ୍ପାଦକ-ପଦ୍ମାକର ଗୁରୁ ଅତିଥି ପରିଚୟ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍.ସି.ସି., ସ୍କାଉଟ୍ ଗାଇଡ୍ ରେଞ୍ଜର, ରୋଭର, ଏନ୍.ଏସ୍.ଏସ୍. ସ୍ୱେଚ୍ଛାସେବୀ, ୟୁଥ୍ ରେଡ଼କ୍ରସ ସ୍ୱେଚ୍ଛାସେବୀ, କଳା, ବିଜ୍ଞାନ, ଓଡ଼ିଶୀ ନୃତ୍ୟ, ସଂଗୀତ ଓ କ୍ରୀଡ଼ାରେ ରାଜ୍ୟର ଶ୍ରେଷ୍ଠ ୧୧୦ଜଣ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନରେ ମୁଖ୍ୟଅତିଥି ଓ ଅତିଥିମାନେ ସମ୍ମାନୀତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଗଠନର କାର୍ଯ୍ୟକର୍ତା ପ୍ରିୟବ୍ରତ ନାୟକ, ସାଗର ରଞ୍ଜନ ପରିଡ଼ା, ଅନୀଲ କୁମାର ମହାନ୍ତି, ଅନିଲ କୁମାର ଛୁଆଲ ସିଂ, ଦେବେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଂଗଠନର ସଂଯୋଜକ ପ୍ରିୟବ୍ରତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡିଶାରେ ନାଇଟ୍ ଡ୍ୟୁଟି କରୁଥିବା ମହିଳା ଡାକ୍ତର କେତେ ସୁରକ୍ଷିତ ?

ଭୁବନେଶ୍ୱର, ୨୦।୮(ପିଏନ):କୋଲକାତାରେ ନାଇଟ୍ ଡ୍ୟୁଟିରେ ଥିବା ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି। ଅତି ବୀଭତ୍ସ ଓ ଲୋମହର୍ଷଣକାରୀ ଏହି ଘଟଣାକୁ ନେଇ ସାରା ଭାରତ ଉଠୁଛି ପଡୁଛି। ମେଡିକାଲ ସେବା ଏକ ପ୍ରକାର ଠପ୍ ହୋଇଯାଇଛି। ନାଇଟ୍ ଡ୍ୟୁଟିରେ ଥିବା ଡାକ୍ତରଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷ କରି ମହିଳାଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କଲେଣି ବୁଦ୍ଧିଜୀବୀ। ଆଜି ସୁପ୍ରିମକୋର୍ଟ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି, ଏତେସବୁ ଘଟଣା ଭିତରେ ଆମ ରାଜ୍ୟ ଓଡିଶାରେ ବିଭିନ୍ନ ମେଡିକାଲ୍ ଓ ମେଡିକାଲ୍ କଲେଜରେ ନାଇଟ୍ ଡ୍ୟୁଟିରେ ଥିବା ମହିଳା ଡାକ୍ତରମାନେ କେତେ ସୁରକ୍ଷିତ ଅଛନ୍ତି ? ସେମାନଙ୍କ ସୁରକ୍ଷା ନେଇ ରାଜ୍ୟ ସରକାର କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ତାହାହେଲେ ଆସନ୍ତୁ ନଜର ପକାଇବା ଓଡିଶାର ୩




ମେଡିକାଲ୍ କଲେଜ ଉପରେ।ବ୍ରହ୍ମପୁର ଗକଉଏ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ୍। ବିଳମ୍ବିତ ରାତିରେ ମେଡିକାଲ୍‌ର ମୁଖ୍ୟ ଫାଟକ ମୁକୁଳା ପଡିଛି। କୌଣସି ପୁଲିସ୍ ବା ସିକ୍ୟୁରୀଟି ଗାର୍ଡ ସୁରକ୍ଷା ଦାୟିତ୍ୱରେ ନାହାନ୍ତି। ପୂରା ଶୂନ୍‌ଶାନ୍ କ୍ୟାମ୍ପସ୍। ରାତି ପ୍ରାୟ ଗୋଟାଏ ବେଳେ ମେଡିକାଲ କାଜୁଆଲିଟିରେ ପ୍ରବଳ ଭିଡ ଦେଖିବାକୁ ମିଳିଛି। କେବଳ ଏଇଠି ଡ୍ୟୁଟିରେ ରହିଛନ୍ତି ୩ରୁ ଅଧିକ ମହିଳା ଡାକ୍ତର। ତେବେ ରୋଗୀଙ୍କ ଜୀବନ ରକ୍ଷା ଲାଗି କାର୍ଯ୍ୟବ୍ୟସ୍ତତା ଭିତରେ ନିଜ ସୁରକ୍ଷା କଥା ଭୁଲି ଯାଇଛନ୍ତି ଏହି ମହିଳା ଡାକ୍ତରମାନେ। ହେଲେ ସେମାନଙ୍କ ସୁରକ୍ଷା ପାଇଁ ଆବଶ୍ୟକ ସଂଖ୍ୟକ ସୁରକ୍ଷା କର୍ମୀ ନାହାନ୍ତି।

# ବିଜେପିର ଯୋଜନାକୁ ପଣ୍ଡ କରିଦେଲେ ରାହୁଲ ଗାନ୍ଧି ଓ ଇଣ୍ଡିଆ : କଂଗ୍ରେସ

ଭୁବନେଶ୍ୱର, ୨୦।୮(ପି.ଏନ) :ସରକାରୀ ପଦପଦବୀ ପାଇଁ ୟୁପିଏସସି ଜାରି କରିଥିବା ଲାଟେରାଲ ଏଣ୍ଟ୍ରୀ ବିଜ୍ଞପ୍ତି ବାତିଲ ହେବା ଘଟଣାକୁ ସ୍ୱାଗତ କରିଛି କଂଗ୍ରେସ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଏହାକୁ ସମାଜିକ ନ୍ୟାୟ ବିରୋଧରେ ଲଢ଼େଇ ବୋଲି ଅବିହିତ କରିଛନ୍ତି। ଏହି ଲଢ଼େଇର ନେତୃତ୍ୱ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ଇଣ୍ଡିଆ ମେଣ୍ଟର ନେଉଥିବା ସେ ଦାବି କରିଛନ୍ତି। ଏଥିସହ ବିଜେପି ସଂରକ୍ଷଣ ବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ଚାହୁଁଥିବା ଯୋଜନା ପଣ୍ଡ ହୋଇଯାଇଥିବା ମଧ୍ୟ ସେ କହିଛନ୍ତି।ଲାଟେରାଲ ଏଣ୍ଟ୍ରୀ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ବାତିଲ କରିବା ପାଇଁ



କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ୟୁପିଏସ୍‌ସି ଅଧ୍ୟକ୍ଷଙ୍କୁ କହିବା ପରେ ଖଡଗେଙ୍କ ବୟାନ ସାମ୍ନାକୁ ଆସିଛି।ସେ କହିଛନ୍ତି, "ସମ୍ବିଧାନର ବିଜୟ। ଆମର ଦଳିତ, ଆଦିବାସୀ, ପଛୁଆ ଓ ଦୁର୍ବଳ ବର୍ଗଙ୍କୁ ସମାଜିକ ନ୍ୟାୟ ଦେବା ପାଇଁ କଂଗ୍ରେସର ଲଢ଼େଇ ବିଜେପିର ସଂରକ୍ଷଣ ଛଡାଇ ନେବା ଯୋଜନାରେ ପାଣି ପକାଇ ଦେଇଛି।

# ବିଧାନସଭା ୧୧ ଟା ୪୧ ଯାଏଁ ମୁଲତବି, ଗୃହରେ ଗର୍ଜିଲେ ବିରୋଧୀ, କଲେଜ ନିର୍ବାଚନ ପ୍ରସଙ୍ଗକୁ ନେଇ କଂଗ୍ରେସର ଜୋରଦାର ପ୍ରତିବାଦ

ଭୁବନେଶ୍ୱର, ୨୦।୮(ପି.ଏନ): ଆଜି ବିଧାନସଭାର ଦ୍ୱିତୀୟ ଅଧିବେଶନ ଆରମ୍ଭ ନ ହେଉଣୁ ହଟ୍ଟଗୋଳ ଦେଖିବାକୁ ମିଳିଛି। କଂଗ୍ରେସ ଗୃହରେ କଲେଜ ନିର୍ବାଚନ ପ୍ରସଙ୍ଗକୁ ନେଇ ଗର୍ଜିଛି। ସେପଟେ ବିଜେଡି ବିଧାନସଭାର ମଧ୍ୟଭାଗକୁ ଯାଇ ଜୋରଦାର ପ୍ରତିବାଦ କରିଛି। ପ୍ରତିବାଦର କାରଣ ହେଉଛି ରାଜ୍ୟପାଳଙ୍କ ପୁଅଙ୍କ ପ୍ରସଙ୍ଗ। ଫଳରେ ବାଚସ୍ପତି ଗୃହକୁ ଦିନ ୧୧ ଟା ୪୧ ଯାଏଁ ମୁଲତବି ଘୋଷଣା କରିଛନ୍ତି।କହିରଖୁ, ଆଜିଠୁ ପୁଣି ଆରମ୍ଭ ହୋଇସାରିଛି ବିଧାନସଭା ଅଧିବେଶନ। ଚଳିତ ବିଧାନସଭାର ଏହା ଦ୍ୱିତୀୟ ଅଧିବେଶନ। ଆଜିଠୁ ଆରମ୍ଭ ହୋଇଥିବା ଏହି ଅଧିବେଶନ ସେପ୍ଟେମ୍ବର ୧୩ ତାରିଖ ଯାଏଁ ଚାଲିବ। ସେପଟେ ସେପ୍ଟେମ୍ବର ୧୦ ତାରିଖରେ ଆଗତ ହେବାକୁ ଯାଉଛି ବ୍ୟୟମଞ୍ଜୁର ବିଲ।ଏହାବାଦ ବିଧାନସଭାର ଦ୍ୱିତୀୟ ଅଧିବେଶନରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହେବାର ସମ୍ଭାବନା ଦେଖା ଦେଇଛି। ଭିନ୍ନ ଭିନ୍ନ କ୍ଷେତ୍ରରୁ ଆସିଥିବା ବିଧାୟକମାନେ ସେମାନଙ୍କ ଅଞ୍ଚଳର ସମସ୍ୟା ଉପରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବେ। ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରାଯିବ। ତତସହିତ ବହୁ ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନିଆଯିବ ରାଜ୍ୟର ବିକାଶ ପାଇଁ ବୋଲି ଜଣା ପଡିଛି।

## ପଦ ହରାଇବେ ନିମାପଡା ଘଇଉ ଅଧ୍ୟକ୍ଷା ! ବିରୋଧରେ ପଡିଲା ୭ଟି ଭୋଟ

ଭୁବନେଶ୍ୱର, ୨୦।୮(ପି.ଏନ) : ପୁରୀ ଜିଲ୍ଲା ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)ରୁ ଆସିଛି ଏକ ବଡ ଖବର। ଏନଏସି ଅଧ୍ୟକ୍ଷାଙ୍କ ବିରୋଧରେ ୭ଟି ଭୋଟ୍ ପଡିଛି। ଅଧ୍ୟକ୍ଷାଙ୍କ ବିରୋଧରେ ୮ ଜଣ ସଦସ୍ୟ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ତେବେ ଭୋଟିଂ ସମୟରେ ଗୋଟିଏ ଭୋଟ୍ ନାକଚ୍ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ୩ ଜଣ କାଉନସିଲର ଭୋଟ୍ ଦେଇନଥିଲେ। ସେମାନଙ୍କ ମଧ୍ୟରେ ଜଣେ ବିଜେଡିର, ଜଣେ ବିଜେପିର ଓ ଜଣେ ସ୍ୱାଧୀନ ସଦସ୍ୟ ଥିଲେ। ତେବେ ଏଭଳି ସ୍ଥିତିରେ ଏନଏସି ଅଧ୍ୟକ୍ଷା ନିଜର ପଦ ହରାଇ ପାରନ୍ତି ବୋଲି ଆଶଙ୍କା ସୃଷ୍ଟି ହୋଇଛି।

# ଦେଶ ଆଉ ଏକ ବଳାତ୍କାରକୁ ଅପେକ୍ଷା କରିପାରିବ ନାହିଁ; କାହିଁକି ଏମିତି କହିଲେ ସୁପ୍ରିମକୋର୍ଟ ?

ଭୁବନେଶ୍ୱର, ୨୦।୮(ପି.ଏନ): କୋଲକାତା ଦୁଷ୍କର୍ମ ଓ ହତ୍ୟା ଘଟଣାର ଶୁଣାଣି ବେଳେ ବଡ କଥା କହିଛନ୍ତି ସୁପ୍ରିମକୋର୍ଟ। ଦେଶ ଆଉ ଏକ ବଳାତ୍କାର ଘଟଣା ଯାଏ ଅପେକ୍ଷା କରିପାରିବ ନାହିଁ। ତୃଣମୂଳ ସ୍ତରରେ ପରିବର୍ତ୍ତନ ହେବା ଆଶାରେ ଅପେକ୍ଷା କରାଯାଇ ପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଶୁଣାଣି ବେଳେ ପଶ୍ଚିମବଙ୍ଗ ସରକାର ଓ ଘଟଣା ଘଟିଥିବା ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି।ଏଫଆଇଆର ଦେବାରେ ବିଳମ୍ବ କରିବା ଓ ମାମଲାକୁ ପରିଚାଳନା କରିବାରେ ଅହେତୁକ ଅବହେଳା କରାଯାଇଥିବା ଖଣ୍ଡପୀଠ ମତ ରଖିଛନ୍ତି। ଏଥିସହ ହସ୍ପିଟାଲରେ କାର୍ଯ୍ୟାରତ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କ ସୁରକ୍ଷାକୁ ନେଇ ମଧ୍ୟ ସୁପ୍ରିମ କୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି।




# କେନ୍ଦ୍ରାପଡା ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ବାଚନ: ପ୍ରାର୍ଥୀ ଚୟନ ପାଇଁ ନବୀନ ନିବାସରେ କସରତ




ଭୁବନେଶ୍ୱର, ୨୦।୮(ପି.ଏନ):କେନ୍ଦ୍ରାପଡା ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବୀ ପାଇଁ ପ୍ରାର୍ଥୀ ଚୟନ ନିମନ୍ତେ ଆଜି ନବୀନ ନିବାସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାର ସବୁ ବିଧାୟକ ଓ ପରାଜିତ ବିଧାୟକ ପ୍ରାର୍ଥୀ ଏବଂ ଜିଲ୍ଲା ପରିଷଦ ସଭ୍ୟମାନଙ୍କୁ ନେଇ ଆସନ୍ତା ୨୨ତାରିଖରେ ହେବାକୁ ଥିବା କେନ୍ଦ୍ରାପଡା ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବୀ ନିର୍ବାଚନ ପ୍ରସଙ୍ଗରେ ଆଲୋଚନା ହୋଇଥିବା ଜଣାପଡିଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗୀତାଞ୍ଜଳି ସେଠୀ ଗତ ସାଧାରଣ ନିର୍ବାଚନରେ ବିଜେଡିରୁ ଇସ୍ତଫା ଦେଇ ବିଜେପି ପ୍ରାର୍ଥୀ ଭାବେ କେନ୍ଦ୍ରାପଡା ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିଲେ। ସେଥିପାଇଁ ଏହି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବୀ ଖାଲି ପଡିଥିଲା।ଆଜି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ଦଳୀୟ ବିଧାୟକ ଓ ପରାଜିତ ବିଧାୟକ ପ୍ରାର୍ଥୀମାନଙ୍କ ଉପସ୍ଥିତି ଜିଲ୍ଲା ପରିଷଦ ସଭ୍ୟମାନଙ୍କ ସହ ବୈଠକ କରିଥିଲେ। ଏଥିରେ ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ଓ ପ୍ରତାପ ଜେନା ମଧ୍ୟ ଉପସ୍ଥିତ ଥିଲେ। କେନ୍ଦ୍ରାପଡା ଜିଲ୍ଲାର ନେତାମାନଙ୍କ ସହ ବୈଠକ କରି ୨୨ତାରିଖରେ ହେବାକୁ ଥିବା ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବୀ ଯେଉଁଳି ବିଜେଡି ପାଖରେ ରହିବ ତାହା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ।

# ପୁରୀରେ ପୁଣି ଗ୍ୟାଙ୍ଗୱାର୍; ଅଶାନ୍ତ ହେଲାଣି ମାର୍କେଣ୍ଡେଶ୍ୱର ଅଞ୍ଚଳ, 'ଖଜା' ବିବାଦକୁ ନେଇ ଗଡ଼ିଲା ଦ୍ୱିତୀୟ ମୁଣ୍ଡ

ପୁରୀ, ୨୦।୮(ପି.ଏନ): ପୁରୀରେ ପୁଣି ଦେଖାଦେଇଛି ଗ୍ୟାଙ୍ଗୱାର୍। ଆଗ ଭଳି ଅଶାନ୍ତ ହେଲାଣି ମାର୍କେଣ୍ଡେଶ୍ୱର ଅଞ୍ଚଳ। 'ଖଜା' ବିବାଦକୁ ନେଇ ଗଡ଼ିଲା ଦ୍ୱିତୀୟ ମୁଣ୍ଡ। ଖଜା ବେପାରକୁ ନେଇ ବିବାଦ ପରେ ହତ୍ୟାକାଣ୍ଡ। ସବୁଠୁ ଆଶ୍ଚର୍ଯ୍ୟର କଥା ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତ ନାବାଳକ ହୋଇଥିବା ସୂଚନା ମିଳିଛି। ନିଜର ପତିଆରା ଦେଖାଇବା ପାଇଁ ଏପରି କରିଥିବା କୁହାଯାଉଛି।ଏହି ନାବାଳକ ଅଭିଯୁକ୍ତମାନେ ସମସ୍ତେ ନିଶା ସେବନ କରୁଥିବା ଜଣା ପଡ଼ିଛି। ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିଛି ପୁରୀ ଟାଉନ୍ ଥାନା ପୋଲିସ। ସେପଟେ ଏମାନଙ୍କୁ ଖୁବ୍ ଶୀଘ୍ର ଧରାଯିବା ନେଇ ଏସ୍.ପି ପିନାଖ୍ ମିଶ୍ର



କହିଛନ୍ତି। ଅଭିଯୁକ୍ତ ନାବାଳକ ହୋଇଥିବାରୁ ସେମାନଙ୍କୁ କାଉଁସିଲିଂ କରାଯିବା ନେଇ ପୋଲିସ କହିଛି। ଗତ ଆଠ ତାରିଖରେ ମାର୍କେଣ୍ଡେଶ୍ୱର ସାହିର ରାଧାଗୋବିନ୍ଦ ଲେନ୍ ର ଦିନେଶ ଖୁଣ୍ଟିଆଙ୍କୁ ହତ୍ୟା କରାଯାଇଥିଲା। ସୋମବାର ରାତିରେ ଦୁର୍ବୃତ୍ତମାନେ ଏହାର ପ୍ରତିଶ୍ରୋଦ ନେଇଛନ୍ତି। ଦିନେଶ ହତ୍ୟାକାଣ୍ଡର ଅଭିଯୁକ୍ତ ପ୍ରଦୀପ୍ତ ସାହୁଙ୍କ ଦିବ୍ୟାଙ୍ଗ ବାପା ହରିହର ସାହୁଙ୍କୁ ସଙ୍ଘବଦ୍ଧ ଭାବେ ହତ୍ୟା କରାଯାଇଛି। ଆକ୍ରମଣ ପରେ ଗୁରୁତର ହୋଇଥିଲେ ହରିହର, ହେଲେ ଡାକ୍ତରଖାନା ନେବେ ବାଟରେ ତାଙ୍କର ମୃତ୍ୟୁ ହୋଇଛି। ସେପଟେ ହରିହରଙ୍କ ପରିବାର ଲୋକ ପୁରୀ ଟାଉନ୍ ଥାନାରେ ଏନେଇ ଏକ ଲିଖିତ ଅଭିଯୋଗ ଦେଇଛନ୍ତି।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍‌ସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପଶିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଲୋକଙ୍କ ନିକଟତର ହେଉଛନ୍ତି ହାଇକୋର୍ଟ

ସାଧାରଣ ଲୋକଙ୍କ ପାଇଁ ଥିଲା ଅପହଞ୍ଚ, ଅଭେଦ୍ୟ। ଦଣ୍ଡବିଧିର ଭୟ ରହିଥିଲା ମନରେ। ବିଚାର ପ୍ରକ୍ରିୟା ଥିଲା ଲୋକଙ୍କ ପାଇଁ ଦୁର୍ବୋଧ ଓ ଅଜ୍ଞାତ। ଏବେ ସବୁ କିଛି ମୁକ୍ତ ଓ ସହଜ ହେବାରେ ଲାଗିଛି। ନାଲିକୋଠା ଭୟ, ଆଶଙ୍କା କି ଉଦବେଗର ଜାଗା ନୁହେଁ ଏଭଳି ବିଶ୍ୱାସ ତିଆରି ହେଉଛି ସାଧାରଣ ଲୋକଙ୍କ ମନରେ। କଟକଣାର କବାଟ ନିଜ ଆଡୁ ଖୋଲି ଦେଇଛନ୍ତି ଓଡ଼ିଶା ହାଇକୋର୍ଟ। ନ୍ୟାୟିକ ବ୍ୟବସ୍ଥାକୁ ସହଜ, ସରଳ ଓ ସଂପ୍ରସାରିତ କରାଯାଉଛି ସବୁଠାରୁ ଦୁର୍ବଳ ଲୋକଟି ପାଖରେ ପହଞ୍ଚିବା ପାଇଁ। ପିଲାମାନେ ବୁଲି ଦେଖୁଛନ୍ତି ହାଇକୋର୍ଟ। ଯାଉଛନ୍ତି ବିଚାରପତିଙ୍କ କକ୍ଷକୁ। ଜାଣୁଛନ୍ତି ନ୍ୟାୟ ପ୍ରକ୍ରିୟାକୁ।

ବୈଷୟିକ ଜ୍ଞାନ କୌଶଳର ବ୍ୟାପକ ପ୍ରୟୋଗ ଫଳରେ ଆଜି ପ୍ରତି ଜିଲ୍ଲା ଯୋଡ଼ି ହେଉଛି ହାଇକୋର୍ଟଙ୍କ ସହ। ତ୍ୱରିତ ଶୁଣାଣି ହୋଇ ଫଇସଲା ହେଉଛି ମାମଲା। ଜେଲରେ ଶଢ଼ୁଥିବା କଏଦୀଙ୍କ ପାଇଁ ମୁକ୍ତିର ବାଟ ପ୍ରଶସ୍ତ ହେଉଛି। ୨୦୨୨ରେ ହାଇକୋର୍ଟଙ୍କ ଏକ ଉଦାର ପରିବର୍ତ୍ତିତ ରୂପ ମୁଗ୍ଧ କରିଛନ୍ତି ସମସ୍ତଙ୍କୁ। ଆହୁରି ଆଶ୍ୱସ୍ତ ହୋଇଛନ୍ତି ନିର୍ଯାତିତ, ନିଷ୍ପେଷିତ ଲୋକ। ଏଇ ଭରସାରେ ଯେ ସେମାନଙ୍କ ପାଇଁ କେହି ଅଛି।

**ସ୍ଥାୟୀ ବେଞ୍ଚ ଆଶା ମଉଳିଲା :** ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ବିଭିନ୍ନ ଅଞ୍ଚଳରୁ ହେଉଥିବା ଦାବିକୁ ଅଗ୍ରାହ୍ୟ କରିଦେଇଛନ୍ତି ଦେଶର ସର୍ବୋଚ୍ଚ ଅଦାଲତ। ଓଡ଼ିଶାର କୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚର ଆବଶ୍ୟକତା ନାହିଁ। ଭର୍ଚୁଆଲ ଶୁଣାଣି, ଇ-ଫାଇଲିଂର ବ୍ୟାପକ ସୁବିଧା ଥିବାରୁ ଏଭଳି ଦାବି ଯଥାର୍ଥ ନୁହେଁ ବୋଲି ସୁପ୍ରିମ କୋର୍ଟ ମତ ଦେବା ସହ ଏଭଳି ଦାବିକୁ ସବୁଦିନ ପାଇଁ ଖାରଜ କରିଦେଇଛନ୍ତି। କେବଳ ସେତିକି ନୁହେଁ, କଟକରୁ ହାଇକୋର୍ଟକୁ ଭୁବନେଶ୍ୱରକୁ ସ୍ଥାନାନ୍ତର ପାଇଁ ଭୁବନେଶ୍ୱର ବାର ଆସୋସିଏସନ ଦାବିକୁ ମଧ୍ୟ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରିଦେଇଛନ୍ତି।

**ନିଜ ପ୍ରଦର୍ଶନର ରିପୋର୍ଟ କାର୍ଡ ରଖିଲେ:** ୨୦୧୫ରେ ଥରେ ମାତ୍ର ହାଇକୋର୍ଟଙ୍କ ବାର୍ଷିକ ରିପୋର୍ଟ। ୨୦୨୨ରେ ହାଇକୋର୍ଟ ବ୍ୟାପକ, ବିସ୍ତୃତ ଓ ତଥ୍ୟ ସମ୍ବଳିତ ରିପୋର୍ଟ କାର୍ଡ ଉପସ୍ଥାପନ କରିଥିଲେ ସାଧାରଣ ଲୋକଙ୍କ ଅବଗତି ପାଇଁ। ଏହି ରିପୋର୍ଟରେ ହାଇକୋର୍ଟ ନିଜ କାର୍ଯ୍ୟ ସହ ନିମ୍ନ ଅଦାଲତର କାର୍ଯ୍ୟକୁ ସମୀକ୍ଷା କରିଛନ୍ତି। ୨୮୪ ପୃଷ୍ଠା ସମ୍ବଳିତ ଏହି ବିସ୍ତୃତ ରିପୋର୍ଟରେ ହାଇକୋର୍ଟର ଇତିହାସ ଠାରୁ ଆରମ୍ଭ କରି ବର୍ତ୍ତମାନ ସ୍ଥିତି, ଗତ କିଛି ବର୍ଷ ମଧ୍ୟରେ ନିଆଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ବିଭିନ୍ନ ଜିଲ୍ଲା କୋର୍ଟରେ ମାମଲାର ସ୍ଥିତି ଆଦି ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ।

**ବାଲିଯାତ୍ରାରେ ହାଇକୋର୍ଟ ଷ୍ଟଲ :** ସାଧାରଣ ଲୋକଙ୍କ ନିକଟତର ହେବା ଲାଗି ବାଲିଯାତ୍ରା ପଡ଼ିଆରେ ପ୍ରଥମ ଥର ଲାଗି ହାଇକୋର୍ଟର ଷ୍ଟଲ ଖୋଲିଥିଲା। ସର୍ବସାଧାରଣଙ୍କ ପାଇଁ ଏହି ଷ୍ଟଲ ଖୋଲାଯାଇଥିଲା। ଏହି ଷ୍ଟଲ ହାଇକୋର୍ଟ ଇତିହାସ ସମ୍ପର୍କରେ ଅନେକ କଥା କହୁଥିଲା।

**ହାଇକୋର୍ଟ ବିଚାରପତି ନିଯୁକ୍ତିରେ ରେକର୍ଡ :** ୨୦୨୨ ମସିହାରେ ଅନେକ ବିଚାରପତିଙ୍କୁ ନିଯୁକ୍ତି ମିଳିଥିଲା ହାଇକୋର୍ଟ। ମୋଟ ଛଅ ଜଣ ନୂଆ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଛି ଚଳିତବର୍ଷ। ବାରରୁ ଜଷ୍ଟିସ ଭି.ନରସିଂହ, ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ, ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ନୂଆ ବିଚାରପତି ଭାବେ ହାଇକୋର୍ଟରେ ନିଯୁକ୍ତି ପାଇଥିଲାବେଳେ ବିଚାର ବିଭାଗୀୟ ଅଧିକାରୀ ଭାବେ ହାଇକୋର୍ଟରେ ଜଷ୍ଟିସ ଗୌରୀ ଶଙ୍କର ଶତପଥୀ ଏବଂ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନିଯୁକ୍ତି ମିଳିଥିଲା। ସେହିପରି ତ୍ରିପୁରା ହାଇକୋର୍ଟରୁ ବିଚାରପତି ଜଷ୍ଟିସ ଶୁଭାଶିଷ ତାଳପତ୍ରଙ୍କୁ ଓଡ଼ିଶା ହାଇକୋର୍ଟଙ୍କୁ ବଦଳି କରାଯାଇଥିଲା। ଅନ୍ୟପକ୍ଷରେ ଓଡ଼ିଶା ହାଇକୋର୍ଟରୁ ବିଚାରପତି ଜଷ୍ଟିସ ସି.ଆର.ଦାଶଙ୍କୁ କୋଲକାତା ହାଇକୋର୍ଟକୁ ବଦଳି ହୋଇଥିଲା। ତେବେ ଚଳିତ ବର୍ଷ ଦୁଇଜଣ ବିଚାରପତି ଜଷ୍ଟିସ ବିଶ୍ୱଜିତ ମହାନ୍ତି ଏବଂ ବିଚାରପତି ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଅବସର ଗ୍ରହଣ କରିଛନ୍ତି। ବର୍ତ୍ତମାନ ମୁଖ୍ୟ ବିଚାରପତିଙ୍କୁ ମିଶାଇ ହାଇକୋର୍ଟରେ ସର୍ବାଧିକ ୨୨ଜଣ ବିଚାରପତି ଅଛନ୍ତି।

**ନୂଆ ଇତିହାସ 'ସାର' ସମ୍ବୋଧନରୁ କୋର୍ଟ ଆରମ୍ଭ :** ବର୍ଷ ବର୍ଷ ଧରି ଚାଲି ଆସୁଥିବା ପରମ୍ପରା ଚଳିତବର୍ଷ ବ୍ୟତିକ୍ରମ ଘଟିଥିଲା। ମୁଖ୍ୟ ବିଚାରପତିଙ୍କୁ ମାଇଁ ଲର୍ଡ ପରିବର୍ତ୍ତେ ସାର ବୋଲି ସମ୍ବୋଧନ କରାଯାଇଥିଲା। ଏଭଳି ଏକ ସମ୍ବୋଧନ ଦ୍ୱାରା ଓଡ଼ିଶା ହାଇକୋର୍ଟ ବିଚାର ବ୍ୟବସ୍ଥାରେ ଚଳିତ ବର୍ଷ ଏକ ନୂଆ ଇତିହାସ ସୃଷ୍ଟି ହୋଇଛି।

**୧୬୯ ଜଣଙ୍କୁ ସମ୍ବର୍ଦ୍ଧନା:** ୨୫ ବର୍ଷ ପୂରଣ କରିଥିବା ୧୬୯ ଜଣ କର୍ମଚାରୀଙ୍କୁ ହାଇକୋର୍ଟ ପକ୍ଷରୁ ପ୍ରଥମ ଥର ଲାଗି ସମ୍ବର୍ଦ୍ଧିତ କରାଯାଇ ଏକ ନୂତନ ପରମ୍ପରା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ହାଇକୋର୍ଟ କର୍ମଚାରୀଙ୍କ ପାଇଁ ଏକ ନୂଆ ଡ୍ରେସ କୋର୍ଡ ମଧ୍ୟ ପ୍ରଚଳନ କରାଯାଇଥିଲା।

**ଇ-କୋର୍ଟକୁ ପ୍ରଶଂସା:** ବୈଷୟିକ ଜ୍ଞାନ କୌଶଳ କ୍ଷେତ୍ରରେ ଓଡ଼ିଶା ହାଇକୋର୍ଟ ଦେଶ ବ୍ୟାପୀ ଖ୍ୟାତି ଅର୍ଜନ କରିଛି। ରାଜ୍ୟ ବ୍ୟାପୀ ଇ-କୋର୍ଟ ସ୍ଥାପନ, ଭର୍ଚୁଆଲ ଶୁଣାଣି ବ୍ୟବସ୍ଥା କ୍ଷେତ୍ରରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଏସ. ମୁରଲୀଧରଙ୍କ ନିରନ୍ତର ଉଦ୍ୟମକୁ ସୁପ୍ରିମକୋର୍ଟ ଏକାଧିକବାର ପ୍ରଶଂସା କରିଛନ୍ତି। ରାଜ୍ୟ ଯେକୌଣସି ଜିଲ୍ଲାକୋର୍ଟରୁ ଓଡ଼ିଶା ହାଇକୋର୍ଟରେ ମାମଲା ପରିଚାଳନା କରିବା, ମାମଲା ରୁଜୁ କରିବାର ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ଆସନ୍ତା ତିନି ମାସ ଭିତରେ ପ୍ରତି ଜିଲ୍ଲା କୋର୍ଟରେ ଭର୍ଚୁଆଲ ଶୁଣାଣି ପାଇଁ ସ୍ୱତନ୍ତ୍ର ରୁମ ବ୍ୟବସ୍ଥା, ଇ-ଫାଇଲିଂ ପାଇଁ ବ୍ୟାକ ଅଫିସ ମଧ୍ୟ ତିଆରି କରାଯିବ ବୋଲି ହାଇକୋର୍ଟ ଘୋଷଣା କରିଛନ୍ତି।

**ସାକ୍ଷୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା:** ଜଣେ ସମ୍ବେଦନଶୀଳ ସାକ୍ଷୀ ଅବା ବଳାତ୍କାର ପୀଡ଼ିତାଙ୍କୁ ଆଉ ସାକ୍ଷୀ ଦେବା ଲାଗି କୋର୍ଟ ଆସିବାକୁ ପଡ଼ିବନି। କୋର୍ଟ ନ ଆସି ଯେ କୌଣସି ଶୁଣାଣିରେ ନିଜର ପକ୍ଷ ରଖିପାରିବେ। ଏହିଭଳି ଏକ ବ୍ୟବସ୍ଥା ସୁପ୍ରିମକୋର୍ଟ ବିଚାରପତିଙ୍କ ଦ୍ୱାରା ଉଦଘାଟନ ହେବାପରେ ଏହାର ସୁବିଧା ବିଭିନ୍ନ ପୀଡ଼ିତାଙ୍କୁ ମିଳିବା ଆରମ୍ଭ ହୋଇଛି।

**ପୁଲିସକୁ ଝଟକା:** ଚଳିତବର୍ଷ ଶେଷ ଆଡ଼କୁ ହାଇକୋର୍ଟ ପୁଲିସ ଏଫଆଇଆର ରୁଜୁ ନକରିବାକୁ ନେଇ କ୍ଷୁବ୍ଧ ହୋଇଥିଲେ। ବିଭିନ୍ନ ଥାନାରେ କିପରି ଥାନା ଅଧିକାରୀମାନେ ଏଫଆଇଆର ରୁଜୁ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ସେ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଚଳିତ ୨୦୨୨ଟି ଆଇନ ଅଦାଲତ କ୍ଷେତ୍ର ପାଇଁ ଆହ୍ୱାନଭରା ଥିଲା। ଲୋକମାନେ ଅଦାଲତର ସାହାଯ୍ୟରେ ନିଜର ଆଇନଗତ ସହଯୋଗ ପାଇଛନ୍ତି। ଏ କ୍ଷେତ୍ରରେ ସମସ୍ତଙ୍କର ପ୍ରଶଂସନୀୟ ଯୋଗଦାନ ରହିଥିଲା।

## ମହିଳାଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ




ଯୋଡା (ପିଏନ୍): କେନ୍ଦୁଝର ଜିଲ୍ଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଭାଗଲପୁର ଗ୍ରାମରେ ଜଣେ ବିବାହିତା ମହିଳା ବେକରେ ରଶି ରଗାଇ ଆତ୍ମହତ୍ୟା କରିଥିବା ଘଟଣା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ସେହି ଗ୍ରାମର ଦୁର୍ସୁ ମୁଣ୍ଡାଙ୍କ ସ୍ତ୍ରୀ ଚାନ୍ଦିନୀ ମୁଣ୍ଡା (୪୧) ତାଙ୍କ ଘରର ଲୁହାବାରରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇ ପୋଲିସ୍‌କୁ ଜଣାଇଥିଲେ। ପୋଲିସ୍ ଖବର ପାଇ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇ ଘଟଣାର ତଦନ୍ତ କରୁଛି। ପ୍ରକାଶଯୋଗ୍ୟ ଯେ ଏହି ଗ୍ରାମରେ ପୂର୍ବରୁ ଜଣେ ମହିଳାଙ୍କ ମୃତଦେହ ଓହଳିଥିଲା ଏବଂ ସ୍ୱାମୀ କାହାରିକୁ ନଜଣାଇ ମାଟିତଳେ ପୋତି ଦେଇଥିଲେ। ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ମହିଳାଙ୍କ ପରିବାର ପକ୍ଷରୁ ଅଭିଯୋଗ ହେବାପରେ ପୋଲିସ ହତ୍ୟା ମାମଲା ରୁଜୁ କରି ସ୍ୱାମୀଙ୍କୁ ଗିରଫ କରିବା ସହିତ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ଖୋଳି ମହିଳାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏହାର ତଦନ୍ତ ଜାରି ରଖିଛି।

## ବି.ଏନ୍. ସଂସ୍କୃତ ମହାବିଦ୍ୟାଳୟ ଟୁକୁଣାର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ



ଘଷିପୁରା (ପିଏନ୍): ଆନନ୍ଦପୁର ଉପଖଣ୍ଡ ଟୁକୁଣାସ୍ଥିତ ନାରାୟଣ ସରକାରୀ ସଂସ୍କୃତ ମହାବିଦ୍ୟାଳୟ ଠାରେ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଚଳିତ ଡିସେମ୍ବର ମାସ ୧୪ ତାରିଖଠାରୁ ଆରମ୍ଭ ହୋଇ ୧୭ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ମହାବିଦ୍ୟାଳୟର ଅଧକ୍ଷା ଡଃ. ଇନ୍ଦିରା ଶୁଭଦର୍ଶନୀ ଚକ୍ର ପତାକା ଉ ାଳନ କରି କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉକ୍ତ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ବେଲେଶ୍ୱର ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଅମୋଦ କୁମାର ବିଶ୍ୱାଳ ଏବଂ କ୍ରୀଡା ପ୍ରଶିକ୍ଷାର୍ଥୀ ଜୟଦେବ ଜେନା କ୍ରୀଡା ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ଅଧାପକ ସୁଦର୍ଶନ ସାହୁ, ଡଃ ଗୋପିନାଥ ପଣ୍ଡା, ମନୋରଂଜନ ପାଢୀ, ଭୋଳେଶ୍ୱର ପ୍ରଧାନ, ନବକୁମାର ପଣ୍ଡା, ଯଦୁମଣି ମିଶ୍ର ଏବଂ ବିଜୟ କୁମାର ମିଶ୍ର ପ୍ରତ୍ୟେହ କ୍ରୀଡା ପ୍ରତିଯୋଗିତାରେ ସହଯୋଗ କରିଥିଲେ।

## ଅମ୍ବିକା ଉଚ୍ଚ ବିଦ୍ୟାଳୟର ୪୨ତମ ବାର୍ଷିକ କ୍ରୀଡା ଉତ୍ସବ



ପଣ୍ଡାପଡା (ପିଏନ୍): ଘଟଗାଁ ବ୍ଲକ ଅନ୍ତର୍ଗତ ପଣ୍ଡାପଡାଠାରେ ଥିବା ଅମ୍ବିକା ଉଚ୍ଚ ବିଦ୍ୟାଳୟରଠାରେ ୪୨ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ମହାପାତ୍ର ପ ାକା ଉ ାଳନ କରି ଏହି ବାର୍ଷିକ କ୍ରୀଡାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପଣ୍ଡାପଡା ସରପଂଚ ପ୍ରିୟରଂଜନ ନାଏକ ଯୋଗ ଦେଇଥିଲେ। ଲମ୍ବଡିଆଁ, ଉଚ୍ଚଡିଆଁ, ୧୦୦, ୨୦୦, ୪୦୦, ୮୦୦ ମିଟର ଦୌଡ, ସଟ୍‌ଫୁଟ୍ ଥ୍ରୋ, ଡିସ୍‌କସ୍ ଥ୍ରୋ, ସ୍ଲୋ ସାଇକେଲ, ମ୍ୟୁଜିକ୍ ଚେୟାର ପ୍ରଭୃତି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡା ଶିକ୍ଷକ ସୁବ୍ରତ ଲେଙ୍କା, ବିଦ୍ୟାଳୟର ଅନ୍ୟତମ ଶିକ୍ଷକ ଶ୍ରୀମନ୍ତ ମହାନ୍ତ, ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ନାଏକ, ସାଗରିକା ବେହେରା, ଇତିସମ୍ପୂର୍ଣ୍ଣା ସାହୁ, ଚନ୍ଦ୍ରଭାନୁ ପଣ୍ଡା, ସ୍ୱାତିସ୍ୱାଗତିକା ମଲ୍ଲିକ, ମିତା ସେଠୀ ପ୍ରମୁଖ କ୍ରୀଡା ପ୍ରତିଯୋଗିତାରେ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ମିଶନ

ଦେଶରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ପ୍ରଦାନ କରି ଏବଂ ମୁମୂର୍ଷୁମାନଙ୍କୁ ସହାୟତା ନିମି  କେନ୍ଦ୍ର ସରକାର ତାଙ୍କ ବଜେଟରେ ଆୟୁଷ୍ମାନ ଭାରତ ନାମକ ଯେଉଁ ନୂଆ ଯୋଜନାଟି ଘୋଷଣା କରିଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଶଂସନୀୟ ଉଦ୍ୟମ କହିଲେ ଅତ୍ୟୁକ୍ତି ହେବନାହିଁ। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ମିଶନ ବା ଏନ୍‌ଏଚ୍‌ପିଏମ୍ (ନ୍ୟାସନାଲ ହେଲଥ ପ୍ରୋଟେକ୍ସନ ମିଶନ) ଭାବେ ପରିଚିତ କେନ୍ଦ୍ର ସରକାରଙ୍କ ଏହି ଲୋକାଭିମୁଖୀ ଯୋଜନାର ବ୍ୟବସ୍ଥାରେ ସରକାର ଦଶକୋଟି ଗରିବ ଓ ଅସୁରକ୍ଷିତ ପରିବାରକୁ ଚିକିତ୍ସା ବୀମା ସୁବିଧା ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏମାନେ ବାର୍ଷିକ ୫ଲକ୍ଷ ଟଙ୍କାର ଚିକିତ୍ସା ବୀମା ସୁବିଧା ପାଇବେ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ଉଚ୍ଚାକାଂକ୍ଷୀ ଯୋଜନାକୁ ସଫଳ କରିବା ପାଇଁ ସରକାର ଏହାକୁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ଏହି ସର୍ବବୃହ  ଓ ଲୋକାଭିମୁଖୀ କାର୍ଯ୍ୟକ୍ରମର ସୁପରିଚାଳନା ନିମି  ବିଧିବଦ୍ଧ ଭାବେ ଏକ ମଣ୍ଡଳୀ ଗଠନ ହେବା ସହ ରାଜ୍ୟମାନଙ୍କ ସହିତ ଭାଗିଦାରୀ ସମ୍ପର୍କ ଭି ିରେ ସୁପରିଚାଳନା ପାଇଁ କାର୍ଯ୍ୟକ୍ରମ ଜାରି ରହିଛି। ସେହିପରି ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ବ୍ୟବସ୍ଥା ଅନୁଯାୟୀ ଦାୟିତ୍ୱରେ ରହିଥିବା ରାଜ୍ୟମାନେ ମଧ୍ୟ ଏହି ଯୋଜନାକୁ ସଠିକ୍ ଓ ସଫଳ କାର୍ଯ୍ୟକାରୀତା ନିମି  ନିଃସ୍ୱାର୍ଥପର ଭାବରେ ତତ୍କାଳ କାର୍ଯ୍ୟକ୍ରମକୁ ଆଗେଇ ନେବା ଜରୁରୀ। ସେହିପରି ଏହି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ମିଶନ ସାର୍ବଜନୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ପ୍ରତିନିଧିତ୍ୱ କରୁଥିବାରୁ ଏହି ସଂସ୍ଥାକୁ ଆଇନଗତ ମାନ୍ୟତା ବିଶେଷକରି ଏକ ଅଲଗା ଆଇନ ବଳରେ ମାନ୍ୟତା ପ୍ରଦାନ ଅତ୍ୟନ୍ତ ଜରୁରୀ। କାରଣ ଏହି ବ୍ୟବସ୍ଥାଟି ସଫଳ ଓ ସୁରକ୍ଷିତ ହୋଇପାରିଲେ ଏହାର ଦାୟିତ୍ୱ ଓ କାର୍ଯ୍ୟକାରିତା ମଧ୍ୟ ବଢ଼ିବ। ଅନେକ ସମୟରେ ରୋଗୀଟିର ଚିକିତ୍ସା ସେବା ବ୍ୟୟବହୁଳ ହୋଇଯିବା ନେଇ ଅସନ୍ତୋଷ ସୃଷ୍ଟି ହୁଏ କିନ୍ତୁ ଏହି କାର୍ଯ୍ୟକ୍ରମଟି ଚିକିତ୍ସାଳୟ ଭି ିକ ସୁଚିକିତ୍ସା ଯୋଗାଇ ଦେବା ପାଇଁ ଦୃଷ୍ଟି ରଖିଛି। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ମିଶନ ଅଧୀନରେ ଏହି ଯୋଜନା କାର୍ଯ୍ୟକାରୀ ହେବା ପରେ ପୂର୍ବରୁ ଥିବା ସବୁ ସ୍ୱାସ୍ଥ୍ୟବୀମାର କାର୍ଯ୍ୟକାରିତା ସ୍ୱତଃ ଅକାମୀ ହୋଇଯିବ। ଏହାଦ୍ୱାରା କେବଳ ତଫସିଲଭୁକ୍ତ ଜାତି ଓ ଜନଜାତିର ଲୋକଙ୍କ କ୍ଷେତ୍ରକୁ ଛାଡ଼ିଦେଲେ ପରିଣତ ବୟସରେ ପହଞ୍ଚିଥିବା ନାଗରିକ, ମହିଳା ଓ ଅନ୍ୟାନ୍ୟ ବର୍ଗର ମାନଦଣ୍ଡକୁ ପୂରଣ କରୁଥିବା ଅପ୍ରତ୍ୟାଶିତ ପରିବାରଗୁଡ଼ିକର ଶିଶୁମାନଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରିବା ଭଳି ମନେହୁଏ। କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ସେବାକୁ ଲୋକମାନଙ୍କ ପାଖରେ ନିଃଶୁଳ୍କ ଭାବରେ ଯୋଗାଇବା ପାଇଁ ଯେଉଁ ପଦକ୍ଷେପ ନେଉଛନ୍ତି ଏହାର ଆବଶ୍ୟକୀୟ ଖର୍ଚ୍ଚର ଭାର ଜନସାଧାରଣଙ୍କଠାରୁ ସଂଗ୍ରହ ହେଉଥିବା ଟିକସ୍‌ରୁ ହିଁ ଭରଣା ହେବ। ସମଗ୍ର ପୃଥିବୀରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତର ସ୍ଥାନ ସଫଳ କୋଡିଏଟି ଦେଶ ଭିତରେ ଅନ୍ତର୍ଭୁକ୍ତ। କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହଯୋଗରେ ଅନେକ କଲ୍ୟାଭିମୁଖୀ ଯୋଜନା ନିୟମିତ ଭାବେ ପ୍ରଣୟନ କରିବା ସହ ଏହାକୁ ଯଥାର୍ଥ ଭାବରେ କାର୍ଯ୍ୟକାରୀ କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ଅନୁଯାୟୀ ସାର୍ବଜନୀନ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଇଁ ସମାନତା ରଖିବା ଜରୁରୀ ଏବଂ ଏହା ଜଣଙ୍କର ଆର୍ଥିକ ଅସୁବିଧାର କାରଣ ଯେପରି ନ ହୋଇପାରିବ ଏହାକୁ ଦୃଷ୍ଟିଦେବା କଥା। ଆସନ୍ତା ୨୦୩୦ ସୁଦ୍ଧା ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ ସହ ସମସ୍ତଙ୍କୁ ଉଚିତ ଓ ନିଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ କେନ୍ଦ୍ର ସରକାର ନିଜ ପ୍ରତିଶ୍ରୁତିବଦ୍ଧତାକୁ କାର୍ଯ୍ୟକାରୀ କରିବା ଜରୁରୀ। ସାଧାରଣରେ ଦେଖାଯାଏ ଲୋକମାନଙ୍କୁ ଉ  ମ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ସରକାରୀ ଘୋଷଣା ଭିତରେ ଅନ୍ୟାନ୍ୟ ସଂସ୍ଥାର ବିଳମ୍ବଜନିତ ସହଯୋଗିତା ବଡ଼ ପ୍ରତିବନ୍ଧକ ଭାବରେ ଦେଖାଯାଏ। ଦିନକୁ ଦିନ ସଂକ୍ରାମକ ରୋଗଠାରୁ ଅନେକ ବ୍ୟୟବହୁଳ ଚିକିତ୍ସା ହେଉଥିବା ଦୀର୍ଘକାଳୀନ ରୋଗର ଶିକାର ହେଉଛନ୍ତି ଲୋକମାନେ। ଅର୍ଥାଭାବରୁ ଭାରତବର୍ଷର ଏକ ବଡ଼ ସଂଖ୍ୟାନୁପାତ ପରିମାଣର ମୁମୂର୍ଷୁ ରୋଗୀମାନେ ସାମାନ୍ୟ ଟିକିଏ ଚିକିତ୍ସାରୁ ବଞ୍ଚିତ ହୋଇଥାନ୍ତି। ଏହା ତାଙ୍କ ଜୀବନକୁ ମଧ୍ୟ ନେଇଯାଏ। ଜନସାଧାରଣଙ୍କ ଉପରୁ ସ୍ୱାସ୍ଥ୍ୟଜନିତ ବ୍ୟୟର ବୋଝ କମାଇବା ପାଇଁ କେନ୍ଦ୍ର ସରକାରଙ୍କ ଏହି ଯୋଜନାଟି ଅତ୍ୟନ୍ତ ଲୋକପ୍ରିୟ ହେବ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ନିକଟରେ କେନ୍ଦ୍ରର ନୀତି ଆୟୋଗ ସଂସ୍ଥା ସ୍ୱାସ୍ଥ୍ୟସେବାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ରାଜ୍ୟଭି ିକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବାକୁ ମତବାଦସହ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ମିଶନ ଏକ ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ଏବଂ ଏହି ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦଳମତ, ଆଦର୍ଶଗତ ମତବାଦର ଊର୍ଦ୍ଧ୍ୱରୁ ରହି ଜଣେ ମୁମୂର୍ଷୁର ସେବାକୁ ପ୍ରାଥମିକତା ଦେବା ନିହାତି ଜରୁରୀ। ଓଡ଼ିଶା ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ବଡ଼ମେଡ଼ିକାଲ, ଜିଲ୍ଲାସ୍ତରୀୟ ଡାକ୍ତରଖାନାଠାରୁ ଶିଶୁଭବନ ସବୁ କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ କରି ଅନେକ କ୍ରାନ୍ତିକାରୀ ଯୋଜନା ହାତକୁ ନେଉଛନ୍ତି। ସରକାର ଏକ ଲୋକପ୍ରିୟ ନିଷ୍ପ ି ନେଇ ରୋଗୀମାନଙ୍କ ସମସ୍ତ ପରୀକ୍ଷା ମାଗଣାରେ କରିବା ପାଇଁ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏହାକୁ ସବୁ ମହଲରେ ପ୍ରଶଂସା କରାଯାଉଛି। ଭାରତବର୍ଷରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଯେଉଁଠି ସରକାର ଅନେକ ସ୍ୱାସ୍ଥ୍ୟସେବା ପ୍ରକଳ୍ପ ପରିଚାଳନା କ୍ଷେତ୍ରରେ କେନ୍ଦ୍ରର ସହଯୋଗ ନ ପାଇ ମଧ୍ୟ ଏହାକୁ ଆଗେଇ ନେଇପାରୁଛନ୍ତି। ରାଜ୍ୟର ଅଗମ୍ୟ ଓ ଯୋଗାଯୋଗ ବିହୀନ ଅଞ୍ଚଳରେ ସରକାର ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଉଛନ୍ତି। ସେହିପରି ଏକ ଉଲ୍ଲେଖନୀୟ ଉତ୍ସାହପ୍ରଦ ଘଟଣା ହେଉଛି ଅନେକ କ୍ଷେତ୍ରରେ ଡାକ୍ତରମାନେ ମୁମୂର୍ଷୁ ରୋଗୀଙ୍କୁ ତୁରନ୍ତ ଚିକିତ୍ସା ନିମି  କେଉଁଠି ନିଜେ ଭାର ବୋହି ଡାକ୍ତରଖାନାକୁ ଆଣିଥା'ନ୍ତି ତ' କେଉଁଠି ନିଜେ ଲୋକଟିକୁ ରକ୍ତଦାନ କରିଥାନ୍ତି। ହାତରୁ ପଇସା ଖର୍ଚ୍ଚ କରି ରୋଗୀମାନଙ୍କ ସେବା କରୁଥିବା ଡାକ୍ତରମାନଙ୍କ ଅଭାବ ଏ ସମାଜରେ ନାହିଁ। ସବୁଠାରୁ ବଡ଼କଥା ହେଉଛି, କେନ୍ଦ୍ର ସରକାରଙ୍କ ଏହି ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ଲୋକାଭିମୁଖୀ ହେଉ ଏବଂ ଏହାକୁ ନିଃସ୍ୱାର୍ଥପର ଭାବରେ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ଉଦ୍ୟମ ଶିଥିଳ ନ ହେଉ।

# ସତ୍‌ସଙ୍ଗର ଆହ୍ୱାନ-ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ



ସତ୍‌ସଙ୍ଗର ପ୍ରାଣପୁରୁଷ ଯୁଗପୁରୁଷୋ  ମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ଭାରତବାସୀଙ୍କୁ ଆହ୍ୱାନ ଜଣାଇଲେ-ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂ ର୍ ଭଗବାନ ଅସୀମ ହୋଇ ଉଠିଛନ୍ତି - ଋଷିଙ୍କୁ ବାଦ ଦେଇ ଋଷି ବାଦର ଉପାସନା ଆରମ୍ଭ ହୋଇଛି। ଭାରତ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ, ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି, ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୁଅ - ଆଉ ତୁମର ମୂ ର୍ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ, ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି। କାରଣ ପୂର୍ବବ ର୍ୀଙ୍କୁ ଅଧିକାର କରିହିଁ ପରବ ର୍ୀଙ୍କର ଆବିର୍ଭାବ। ସମଗ୍ର ମାନବ ଜାତିକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆହ୍ୱାନ ଦେଇ କହିଲେ - ସର୍ବପ୍ରଥମ ଆମ୍ଭମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂ ର୍ ଏହି ଦୁର୍ବଳତା। ତଡ଼ ଯେତେ ଶୀଘ୍ରପାର ଏହି ରକ୍ତ ଶୋଷଣକାରୀ ଅବସାଦ ଉତ୍ପାଦକ ବାଦୁଡ଼ିକୁ। ସ୍ମରଣ କର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାଙ୍କ ସନ୍ତାନ। ହଟି ଯିବାଟା ବରଂ ଦୁର୍ବଳତା ନୁହେଁ କିନ୍ତୁ ଚେଷ୍ଟା ନକରିବା ହିଁ ଦୁର୍ବଳତା। ତୁମେ କୌଣସି କିଛି କରିବାକୁ ପ୍ରାଣପଣେ ଚେଷ୍ଟା କରି ମଧ୍ୟ ଯଦି ବିଫଳ ମନୋରଥ ହୁଅ, କ୍ଷତି ନାହିଁ ତୁମେ ଛାଡ଼ ନାହିଁ ଏହି ଅମ୍ଳାନ ଚେଷ୍ଟା ହିଁ ତୁମକୁ ମୁକ୍ତି ଆଡ଼କୁ ନେଇଯିବ। ତୁମେ କୁହନା ତୁମେ ଭୀରୁ, କୁହନା ତୁମେ କାପୁରୁଷ, କୁହନା ତୁମେ ଦୁରାଶୟ। ପିତାଙ୍କ ଆଡ଼କୁ ନଜର କର, ଆବେଗଭରେ କୁହ - ହେ ପିତା, ମୁଁ ତୁମରି ସନ୍ତାନ; ମୋର ଆଉ ଜଡ଼ତା ନାହିଁ, ଆଉ ଦୁର୍ବଳତା ନାହିଁ, ମୁଁ ଆଉ କାପୁରୁଷ ନୁହେଁ, ମୁଁ ଆଉ ତୁମକୁ ଭୁଲି ନରକ ଆଡ଼କୁ ଦୌଡ଼ି ଯିବିନାହିଁ, ଆଉ ତୁମର ଜ୍ୟୋତି ଆଡ଼କୁ ପଛକରି ଅନ୍ଧକାର ଅନ୍ଧକାର ବୋଲି ଚିତ୍କାର କରିବି ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ କାଞ୍ଚନ ପ୍ରତି ଆସକ୍ତିରୁ ଆସେ। ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। ପ୍ରତ୍ୟେକଙ୍କ ମା' - ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକକୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ଧର୍ମର ସର୍ବସମନ୍ୱୟୀ ବ୍ୟାଖ୍ୟାରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଲେ-ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହା ବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିୟାନ ଧର୍ମ, ବୌଦ୍ଧ ଧର୍ମ ଇତ୍ୟାଦି କଥା ମୋ ମତରେ ଭୁଲ, ବରଂ ସେ ସବୁ ଗୁଡ଼ିକ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତ ପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ-ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ସତ୍‌ସଙ୍ଗ ଚାହେଁ ଭାରତ ଏକ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ରାଷ୍ଟ୍ର ହେଉ। ଆମେ କଂଗ୍ରେସ ମୁକ୍ତ ଭାରତ ଚାହୁଁନା, ବା ସଂଘ ମୁକ୍ତ ଭାରତ ଚାହୁଁନା। ଆମେ ଚାହୁଁ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଉଦା  କଣ୍ଠରେ ଗାଇ ଉଠିଲେ - 'ଆର୍ଯ୍ୟ ଭାରତ ବର୍ଷ ମୋର, ଜ୍ଞାନ ଗରିମା ଗରବିନୀ, ଦ୍ୟୁତିପ୍ରେକ୍ଷା ସ୍ଫୁରକ ପ୍ରଜ୍ଞା, ଦ୍ୟୁଲୋକ ଦୀପକ ମାଳିନୀ, ରକ୍ତ ତପନ କ୍ଷିପ୍ତ ଆଲୋକ, ରଶ୍ମି ପୁଲକ ଝଲକ ଝଲକ, ଦୀପ୍ତ ରିକ୍ତ ପାବକ ଅନଘ, ମୃତ୍ୟୁ ବିଜୟ ଦାୟିନୀ! ହୋମର ଅନଳ ନାଚେ ଛଳ ଛଳ, ବହେ ସରସ୍ୱତୀ ସିନ୍ଧୁ ପ୍ରବଳ, ଦୃଷଦ୍ୱତୀ ଦେଲା ଅର୍ଘ୍ୟ ଆଂଚଳ, ସ୍ଫୁରିତ ଇନ୍ଦୁ ସ୍ମିତ ଟଳ ଟଳ, ଚଲେ ଭାଗିରଥୀ ଡାକେ କଳକଳ, ସାଗର ଧୌତ ଚରଣ ଯୁଗଳ, ତୁଙ୍ଗ ଧବଳ କିରୀଟିନୀ, ଅଯୁତ ରଶ୍ମି ଦୀପ୍ତ କେନ୍ଦ୍ର, ପୁରୁଷୋ  ମ ଚିର ଅତନ୍ଦ୍ର, ଜାଗେ ଆହ୍ୱାନ ବିପୁଳ ମନ୍ଦ୍ର, ଅମର ଲପନା ଜୀବନ ସାନ୍ଦ୍ର, ଆର୍ଯ୍ୟ ଗରିମା ଗଭୀର ମନ୍ତ୍ର, ଛଲକି ସ  । ଏକଟି ତନ୍ତ୍ର, ଭାରତ ବିଶ୍ୱ ଋତାୟିନୀ'। ଶ୍ରୀ ଶ୍ରୀ ଠାକୁର ଅତି ଦୃଢ଼ ଚି  ରେ ଘୋଷଣା କଲେ - ତୁମେ, ଠିକ୍ ଠିକ୍ ଜାଣ ଯେ, ତୁମେ ତୁମର, ତୁମ ନିଜ ପରିବାରର, ଦଶର ଏବଂ ଦେଶର ବ ର୍ମାନ ଓ ଭବିଷ୍ୟତ ପାଇଁ ଦାୟୀ।

# ଓଡିଆ ସାହିତ୍ୟରେ ରହସ୍ୟ ଉପନ୍ୟାସ

ବିଶ୍ୱର ପାଠକମାନଙ୍କ ମଧ୍ୟରେ ଆଗଥା କ୍ରିଷ୍ଟଙ୍କ ରହସ୍ୟ ଉପନ୍ୟାସ,ସାର ଆର୍ଥର କୋନାନ ଦୟଲଙ୍କ ସେରଲକ ହୋଲମସ ସଂପର୍କିତ ଗଳ୍ପ ଓ ହାରି ପୋର୍ଟର ଭଳି ଭୌତିକ ଉପନ୍ୟାସର ବେଶ ଆଦର ରହିଛି । ଯେ କୌଣସି ପୁସ୍ତକ ଦୋକାନରେ ଏହି ଜାତୀୟ ପୁସ୍ତକ ବହୁଳ ସଂଖ୍ୟାରେ ବିକ୍ରୟ ପାଇଁ ଗଚ୍ଛିତ ଥାଏ । ଓଡିଶାରେ ମଧ୍ୟ ରହସ୍ୟ ଉପନ୍ୟାସର ଆଦର ୫୦ବର୍ଷ ତଳେ ଅସମ୍ଭବ ଭାବେ ଅଧିକ ଥିଲା । ହାଇସ୍କୁଲ ଓ କଲେଜ ପଢୁଆ ପିଲାଙ୍କ ମଧ୍ୟରେ ବିଭିନ୍ନ ଡିଟେକଟିଭ ପୁସ୍ତକର ବଡ ଚାହିଦା ଥିଲା । ସେସବୁର ଲୋକ ପ୍ରିୟତାକୁ ଆଖି ଆଗରେ ରଖି ସିରିଜ ମାନ ଲେଖା ଯାଇଥିଲା । ସେଗୁଡିକ ମଧ୍ୟରୁ ଦସ୍ୟୁ ରବିନ ସିରିଜ, ମିରା ସିରିଜ, ତ୍ରିପୁର ସୁନ୍ଦରୀ, ମନମୋହିନୀ ସିରିଜ ପ୍ରଧାନ । ଚମ୍ବଲ ଉପତ୍ୟକାର ଡାକୁ ସମ୍ରାଟ ମାନସିଂ, ଦସ୍ୟୁରାଣୀ ଫୁଲନକୁ ନେଇ ଅନେକ ଉପନ୍ୟାସ ଲେଖା ହୋଇଥିଲା । ଭାବାନୀ ବାବୁ ଡିଟେକଟିଭଙ୍କ ନାମ ଏବେ ବି ମନେ ଅଛି। କଣ୍ଠୁରି ଚରଣ ଦାସ, ଗିରିଧାରୀ ମହାରଣା, ଭୂପେନ ଗୋସ୍ୱାମିଙ୍କ ଭଳି ଲେଖକମାନେ ବେଶ ପାଠକଙ୍କ ପ୍ରିୟ ଥିଲେ । ସେତେବେଳେ ଗାଁର ପାଠାଗାରମାନଙ୍କରେ ଏସବୁ ବହି ମିଳୁଥିଲା । ପରବର୍ତ୍ତି ସମୟରେ କେତେକ ଲେଖକ ନିଜକୁ ରହସ୍ୟ ସମ୍ରାଟ,ରହସ୍ୟ କୁମାର ଛଦ୍ମ ନାମରେ ଡିଟେକଟିଭ ବହିମାନ ଲେଖିଲେ । ମାସିକ ଚକ୍ରାନ୍ତ, ମାସିକ ଡିଟେକଟିଭ, ସତ୍ୟ ଅପରାଧ ଘଟଣା ଭଳି ମାସିକ ପତ୍ରିକାମାନ ବଜାରରେ ମିଳିଲା। ବିଶେଷତଃ ବସଷ୍ଟାଣ୍ଡମାନଙ୍କରେ ଯାତ୍ରୀମାନଙ୍କ ହାତରେ ନିଶ୍ଚୟ ଏ ଧରଣର ପତ୍ରିକା ଦେଖିବାକୁ ମିଳୁଥିଲା। ସେତେବେଳେ କେତେକ ଔପନ୍ୟାସିକ ଗାଁ ଗହଳର ଅଳ୍ପ ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ଉପନ୍ୟାସମାନ ଲେଖୁଥିଲେ । ଏଗୁଡିକ କଲିକତାରୁ ପ୍ରକାଶ ପାଉଥିଲା। ଭାଗିରଥି ଦାସ ସେମାନଙ୍କ ମଧ୍ୟରେ ପ୍ରଧାନ। ଅଳ୍ପ ଶିକ୍ଷିତ ଗ୍ରାମ୍ୟ ବାଳିକା ସେଗୁଡିକୁ ପଢି ସଂସାର, ପ୍ରେମ, ଘରକରଣା ବିଷୟରେ ଜାଣୁଥିଲା । ବିଦେଶରେ ଥିବା ସ୍ୱାମୀଙ୍କ ପାଖକୁ ଚିଠି ଦେଉଥିଲା । ବିବାହ ବେଳେ ସାଙ୍ଗରେ ବାକ୍ସ ଭର୍ତ୍ତି ବହି ଯାଉଥିଲା । ସେହିଭଳି ପରିବାରଠାରୁ ବିଚ୍ଛିନ୍ନ ହୋଇ କଲିକତାର ଲକ୍ଷ ଲକ୍ଷ ଓଡିଆ ଶ୍ରମିକ ମାନଙ୍କ ପାଇଁ ଏହି ବହି ସବୁ ଅତ୍ୟନ୍ତ ପ୍ରିୟ ଥିଲା । ଲୋକେ ଜାନିଯାତ୍ରାକୁ ଗଲେ ଏ ସବୁ ବହିରୁ ନିଶ୍ଚୟ ଗୋଟେ କିଣୁଥିଲେ । କାଳକ୍ରମେ ଏ ସବୁ ପୁସ୍ତକର ଲେଖିବା କମିଗଲା । କାରଣ ଏ ଧରଣର ପୁସ୍ତକକୁ ଆମର ସାହିତ୍ୟର ବଡପଣ୍ଡାମାନେ ଶସ୍ତା ସାହିତ୍ୟ ବୋଲି ଭାବିଲେ । ସେମାନଙ୍କର ଭୁଲ ହେଲା ଅତ୍ୟନ୍ତ ସରଳ ଭାବରେ ତାହା ଲେଖା ଥିଲା । କଳ୍ପନା ଅପେକ୍ଷା ବାସ୍ତବତାକୁ ଅଗ୍ରାଧିକାର ଦିଆଯାଉଥିଲା । ଏସବୁ ସାହିତ୍ୟ ଲେଖିଲେ ସମ୍ବର୍ଦ୍ଧନା ବା ମାନପତ୍ର ମିଳିବ ନାହିଁ । ସଭାରେ ଶସ୍ତା ଉପନ୍ୟାସର ଲେଖକ ବୋଲି ଉପହସିତ ହେବେ । ତେଣୁ ଲେଖକମାନେ ଏଭଳି ପ୍ରକାର ବହି ଲେଖିବା ଛାଡିଦେଲେ ଓ ସମ୍ଭ୍ରାନ୍ତ ସାହିତ୍ୟର ସଭ୍ୟ ହୋଇଗଲେ । ଯେଉଁ ସାହିତ୍ୟକୁ ସାଧାରଣ ଲୋକ ଦୁର୍ବୋଧ, ଅବୋଧ, ନିର୍ବୋଧ ବୋଲି ଷ୍ଟାମ୍ପ ବହୁ ଦିନରୁ ମାରିସାରିଛି । ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଇ ସାହିତ୍ୟ ସଭା, କବିତା ପାଠୋତ୍ସବ, ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ନିଜକୁ ସୀମିତ ରଖିଛି । ଓଡିଆ ଭାଷାର ଅନେକ ଲୋକପ୍ରିୟ ପତ୍ରିକା ସୁଚରିତା, ଜହ୍ନମାମୁଁ, ପୌରୁଷ ପ୍ରାୟ ଲୋପ ହେବାକୁ ବସିଲାଣି, କାରଣ ଏଥିପାଇଁ ମନକୁ ଛୁଇଁଲା ଭଳି ଲେଖା ଆସୁନାହିଁ । ନିଜ ସଂଚିତ ଅର୍ଥରେ ବହି ଛପାଇ ମାଗଣାରେ ବାଣ୍ଟିବା ହିଁ ଆଜିର ସାହିତ୍ୟ । ସାହିତ୍ୟ ସଭାରୁ ଫେରିଲା ପରେ ବ୍ୟାଗରେ ଗୋଛାଏ ବହି ଦେଖି, ଘରଣୀଙ୍କ ଭୀମ ଗର୍ଜନ, "ସେ ବାଜେ ବହି ରଖିବାକୁ ଘରେ ଯାଗା ନାହିଁ, ତୁମ ଜିନିଷ କୋଉଠି ସାଇତି ରଖ; ନଇଲେ ରଦି କାଗଜବାଲାକୁ ସବୁ ଦେଇଦେବି !" ଏହା ହିଁ ସମ୍ଭ୍ରାନ୍ତ ସାହିତ୍ୟର ଅବସ୍ଥା ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଅଗଷ୍ଟ ୨୧

# ସରଳ ରେଖାରେ ଶାନ୍ତି, ମୈତ୍ରୀ ଓ ଏକତା



କିଶୋର ଚନ୍ଦ୍ର ବେହେରା

ଦେଶର ସମସ୍ତ ଧର୍ମ ମଧ୍ୟରେ ଶାନ୍ତି, ଜାତୀୟ ଏକୀକରଣ ଏବଂ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହା ଉତ୍ସର୍ଗୀକୃତ । ସଦଭାବନା ଦିବସରେ ବିଭିନ୍ନ ରାଜ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ଆୟୋଜିତ ହୋଇଥାଏ । ଲୋକମାନେ ଦେଶରେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ସ୍ଥାପନ ଦିଗରେ କାର୍ଯ୍ୟ କରିବାର ପ୍ରତିଶ୍ରୁତି ନେଇଥାନ୍ତି । ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ, ଜାତୀୟ ଏକୀକରଣ ଏବଂ ଶାନ୍ତି ପ୍ରତିଷ୍ଠା ପୂର୍ବତନ ପ୍ରଧାନମନ୍ତ୍ରୀ ପାଇଁ ରାଜୀବ ଗାନ୍ଧୀଙ୍କ ଭୂମିକା ଅତୁଳନୀୟ । ଜାତୀୟ ଏକତା ସୃଷ୍ଟି କରିବା ସଦଭାବନା ଦିବସର ମୂଳ ଲକ୍ଷ୍ୟ ।ଆଧୁନିକ ଚିନ୍ତାଧାରା ଓ ନିର୍ଣ୍ଣାୟକ ମାନସିକତାର ଅଧିକାରୀ ହୋଇ ସୁଦ୍ଧା ରାଜୀବ କଦାପି ଏହା ପ୍ରଦର୍ଶନ କରୁନଥିଲେ । ବିଶ୍ୱର ସର୍ବାଧୁନିକ ପ୍ରଯୁକ୍ତି ମଧ୍ୟରେ ଅବସ୍ଥାନ କରି ସୁଦ୍ଧା ସେ ଥିଲେ ସ୍ଥିରଚିତ୍ତ ଏବଂ ସେ ଯାହା ବାରମ୍ବାର କହୁଥିଲେ, ତାଙ୍କର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଭାରତର ଐକ୍ୟକୁ ଏବଂ ସାର୍ବଭୌମତ୍ୱକୁ ସଦାସର୍ବଦା ସୁରକ୍ଷିତ ରଖିବା ନିମନ୍ତେ ସଦାସର୍ବଦା ପ୍ରଚେଷ୍ଟା ଜାରି ରଖିଥିଲେ। ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖରେ ଦେଶବ୍ୟାପୀ ପାଳନ କରାଯାଉଛି ସଦଭାବନା ଦିବସ । ରାଜୀବ ଗାନ୍ଧୀଙ୍କ ଜନ୍ମ ଦିବସକୁ ୨୦୦୮ ମସିହାଠାରୁ ସଦଭାବନା ଦିବସ ଭାବେ ପାଳନ କରାଯିବା ଲାଗି ନିଷ୍ପତ୍ତି ନିଆଯାଇ ଏହି ଦିବସକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏପରିକି ସମସ୍ତ ରାଜନୈତିକ ଦଳ ମଧ୍ୟରେ ଶାସକ କିମ୍ବା ବୋରଧୀ ଊର୍ଦ୍ଧ୍ୱରେ ରହି ପାଳନ କରୁଛନ୍ତି। ଶିକ୍ଷା କ୍ଷେତ୍ରରେ ସମଗ୍ର ଭାରତରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ସଂସ୍କାର ଏବଂ ଉନ୍ନତି ପାଇଁ ଲକ୍ଷ୍ୟ ନେଇ ୧୯୮୬ ମସିହାରେ ଶିକ୍ଷା ଉପରେ ଏକ ଜାତୀୟ ନୀତି ଆରମ୍ଭ କରିଥିଲେ । ସେହିବର୍ଷ ସେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ବିଦ୍ୟାଳୟ ଶିକ୍ଷା ପ୍ରଦାନ କରି ସମାଜର ଗ୍ରାମାଞ୍ଚଳର ଉନ୍ନତି ପାଇଁ ଏକ କେନ୍ଦ୍ରୀୟ ସରକାରୀ ବିଦ୍ୟାଳୟ ଜବାହର ନବୋଦୟ ବିଦ୍ୟାଳୟ ବ୍ୟବସ୍ଥା ପ୍ରତିଷ୍ଠା କରିଥିଲେ । ଯାହାକି ଗ୍ରାମାଞ୍ଚଳରେ ଶିକ୍ଷାର ଅଗ୍ରଗତି ହେବା ସହ ଗରିବ ମେଧାବୀ ଛାତ୍ରଛାତ୍ରୀ ଜାତୀୟ ସ୍ତରରେ ନିଜର ଦକ୍ଷତା ପ୍ରତିପାଦନ କରିବାରେ ସଫଳତା ପାଇପାରିଲେ । ନିଜ ଶାସନ କାଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଥିଲେ ଯାହା ଦେଶରେ ସୂଚନା ପ୍ରଯୁକ୍ତିର ବିସ୍ତାର କରିଥିଲା ।

ରାଜନୀତିରେ ଯୋଗ ଦେବା ପୂର୍ବରୁ ସେ ଜଣେ ଉଚ୍ଚଶିକ୍ଷିତ ଓ ପେଶାଦାର ପାଇଲଟ୍ ଥିଲେ । ୧୯୮୪ ମସିହା ଅକ୍ଟୋବର ମାସରେ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯିବା ପରେ ସାରା ଦେଶରେ ଏକପ୍ରକାର ଶୋକର ଛାୟା ଖେଳିଯାଇଥିଲା । ଲୋକମାନେ ଏପରି ସ୍ଥିତରୁ ବାହାରିବ ପାଇଁ ଚେଷ୍ଟା କରୁଥିଲେ ଏବଂ ସେ ସମୟରେ ଲୋକସଭା ନିର୍ବାଚନରେ ଫଳାଫଳ କଂଗ୍ରେସ ପକ୍ଷରେ ଆସିଥିଲା । ଦେଶବାସୀ ରାଜୀବଙ୍କୁ ଇନ୍ଦିରା ଗାନ୍ଧୀଙ୍କ ଉତ୍ତରାଧିକାରୀ ତଥା ପ୍ରଧାନମନ୍ତ୍ରୀ ଭାବେ ବାଛିଥିଲେ । ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବାରେ ୫ ବର୍ଷରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନେଇଥିଲେ । ରାଜୀବ ଗାନ୍ଧୀ ତାଙ୍କ ଶାସନ ସମୟରେ ବିଭିନ୍ନ ପଦକ୍ଷେପ ନେଇଥିଲେ, ଯାହା ଯୁବକମାନଙ୍କୁ ଦେଶ ଗଢିବାରେ ପ୍ରତ୍ୟକ୍ଷ ଭାବେ ଅଂଶରଦାର କରିଥିଲା । ରାଜୀବ ଗାନ୍ଧୀ ଦେଶରେ ସୂଚନା କ୍ରାନ୍ତି ଜନକ ଭାବେ ପରିଚିତ ଓ ଦେଶର ଇତିହାସରେ ସବୁଠାରୁ କନିଷ୍ଠ ପ୍ରଧାନମନ୍ତ୍ରୀ ଥିଲେ । ଦେଶର ୭୦ କୋଟି ଭାରତୀୟଙ୍କ ନେତା ଭାବେ ଶାସନ ଆରମ୍ଭ କରିଥିବା ରାଜୀବ ଗାନ୍ଧୀଙ୍କ ଶାସନ କାଳ ବହୁଦୃଷ୍ଟିରୁ ଉଲ୍ଲେଖନୀୟ ହେବା ସ୍ୱାଭାବିକ । ସବୁଠାରୁ ଅଧିକ ବିସ୍ମୟକର ବିଷୟଟି ଥିଲା ଏହି ଯେ ଶ୍ରୀ ଗାନ୍ଧୀ ବିଳମ୍ବରେ ଓ ଅନିଚ୍ଛା ସତ୍ତ୍ୱେ ରାଜନୀତିରେ ପାଦ ଥାପିଥିଲେ ଯଦିଚ୍ ଏକଥା ଅନସ୍ୱୀକାର୍ଯ୍ୟ ଯେ ଏକ ବିଶିଷ୍ଟ ରାଜନୈତିକ ପରିବାର ଭାବେ ଦୀର୍ଘ ଚାରିପି? ଧରି ଏହା ରାଷ୍ଟ୍ରସେବାରେ ନିଜକୁ ସମର୍ପିତ କରିଥିଲା ଏବଂ ଏହା ପୁଣି ବ୍ୟାପ୍ତ ଥିଲା ସ୍ୱାଧୀନତା ପୂର୍ବବର୍ତ୍ତି ଠାରୁ ସ୍ୱାଧୀନୋତ୍ତର କାଳ ପର୍ଯ୍ୟନ୍ତ । କ୍ରିଡା କ୍ଷେତ୍ରରେ ୧୯୮୨ ମସିହାରେ ଭାରତ ଯେତେବେଳେ ଏସୀୟ କ୍ରୀଡାର ଆୟୋଜନ କଲା, ବହୁ ବର୍ଷ ପୂର୍ବରୁ ଭାରତ ଅନେକ ଷ୍ଟାଡିୟମ ଓ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ ଘଟାଇବ ବୋଲି ଯେଉଁ ପ୍ରତିଶ୍ରୁତି ପ୍ରଦାନ କରିଥିଲା ତାହା ପୂରଣ କରିଥିଲେ । ସବୁ କାର୍ଯ୍ୟ ଯେପରି ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୁଏ ସେ ଦାୟିତ୍ୱ ରାଜୀବଙ୍କ କାନ୍ଧରେ ନ୍ୟସ୍ତ କରାଯାଇଥିଲା । ଏସୀୟ କ୍ରୀଡା ଯେପରି କୌଣସି ପ୍ରକାର ଦୋଷତ୍ରୁଟିର ସମ୍ମୁଖୀନ ନହୋଇ ସୁରୁଖୁରୁରେ ସମ୍ପନ୍ନ ହୁଏ ସେ ଭାର ତାଙ୍କୁ ଦିଆଯାଇଥିଲା । ରାଜୀବ ଗାନ୍ଧୀ ଏହି ଚାଲେଞ୍ଜକୁ ସୁଚାରୁ ରୂପେ କରି ଦେଖାଇଥିଲେ । ଏହା ହିଁ ସର୍ବପ୍ରଥମ ତାଙ୍କ କର୍ଯ୍ୟଦକ୍ଷତା ପ୍ରତି ଥିବା ନିଷ୍ଠା ଓ ସମନ୍ୱୟର ପରାକାଷ୍ଠା ପ୍ରତିପାଦନ କରିଥିଲେ । ଏଥିସହ କଂଗ୍ରେସ ଦଳର ସାଧାରଣ ସମ୍ପାଦକ ଭାବେ ସମାନ ନିଷ୍ଠାର ସହ ସେ ଦଳୀୟ ସଂଗଠନକୁ ସନ୍ତୁଳିତ ଓ ଶୃଙ୍ଖଳିତ କରିବାରେ ଲାଗି ପଡିଲେ । ତାଙ୍କର ଏହି ଗୁଣ ପରବର୍ତ୍ତି କାଳରେ ଜଟିଳ ଓ ଘଡିସନ୍ଧି ମୁହୂର୍ତ୍ତରେ କାର୍ଯ୍ୟରେ ଆସିଥିଲା । ତାମିଲନାଡୁର ଶ୍ରୀପେରୁମ୍ବୁଡୁରରେ ଆତ୍ମଘାତୀ ବିସ୍ଫୋରଣରେ ରାଜୀବ ଗାନ୍ଧୀଙ୍କୁ ହତ୍ୟା କରିବାରପରେ, ଦେଶ ପ୍ରତି ତାଙ୍କର ଅବଦାନକୁ ସବୁବେଳ ପାଇଁ ମନେ ରଖିବା ନିମନ୍ତେ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଅଲ ଇଣ୍ଡିଆ କଂଗ୍ରେସ କମିଟି ୧୯୯୨ ରେ ରାଜୀବ ଗାନ୍ଧୀ ଜାତୀୟ ସାଧଭାବନା ପୁରସ୍କାର ପ୍ରତିଷ୍ଠା କରିଥିଲା । ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଦର୍ଶ କାର୍ଯ୍ୟ କରିଥିବା ଲୋକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ସମାଜ ସେବାରେ ଓ ରାଷ୍ଟ୍ର ବିକାଶରେ ବ୍ୟକ୍ତି ବିଶେଷ ହୁଅନ୍ତୁ କିମ୍ବା ଅନୁଷ୍ଠାନ ଉଚ୍ଚକୋଟୀର କାର୍ଯ୍ୟ କରି ରାଷ୍ଟ୍ରର ପ୍ରଗତିରେ ସହଭାଗିତା ହୋଇଥାନ୍ତି ସେହିପରି ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ସଦଭାବନା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥାଏ। ରାଜୀବ ଗାନ୍ଧୀଙ୍କ ଭଳି ଅପୂର୍ବ ଧୈର୍ଯ୍ୟ, ସମ୍ମାନବୋଧ ଓ କର୍ତ୍ତବ୍ୟନିଷ୍ଠା ପ୍ରଦର୍ଶନ କରି ଜାତୀୟ ଦାୟିତ୍ୱବୋଧ ନିଜ କାନ୍ଧକୁ ନେଇ ବିକାଶ କ୍ଷେତ୍ରରେ ଆଗେଇ ଯିବା ପାଇଁ ଯୁବ ଗୋଷ୍ଠୀଙ୍କୁ ଆହ୍ୱାନ କରାଯାଉଛି ।

*ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ*
*ସିଦ୍ଧେଶ୍ୱରୀ ସ୍ନାତକ ମହାବିଦ୍ୟାଳୟ*
*ନନ୍ଦପୁର, ଜିଲ୍ଲା: କୋରାପୁଟ*
*ଯୋଗାଯୋଗ ୯୪୩୭୯୫୫୫୬୮*

# ମୋ ଦେଶ, ମୋ ପାଇଁ ବଡ଼



ଭାସ୍କର ବାରିକ୍

୧୯୪୭ ଅଗଷ୍ଟ ୧୫ ତାରିଖ ଭାରତର ଇତିହାସ ପୃଷ୍ଠାରେ ଏକ ସ୍ୱର୍ଣ୍ଣିମ ଦିବସ । ଏହି ଦିନ ଭାରତ ମୁକ୍ତ ହୋଇଥିଲା ଇଂରେଜମାନଙ୍କ ଜୁଆଳିରୁ । ଚାଖିଥିଲା ମୁକ୍ତିର ସ୍ୱାଦ । ଅନେକ ଦିନ ଏକ ପଞ୍ଜୁରୀ ଭିତରେ ଆବଦ୍ଧ ପକ୍ଷୀଟିଏ ବନ୍ଧନ ମୁକ୍ତ ହୋଇ ଆକାଶରେ ଉଡ଼ିବା ପରି ଭାରତର ଲୋକମାନେ ସ୍ୱାଧୀନତା ପ୍ରାପ୍ତି ଖୁସିରେ ଶାନ୍ତିରେ ଜିଇଁବା ଆରମ୍ଭ କରିଥଲେ ଓ ଉଡେଇ ଥିଲେ ସ୍ୱାଧୀନତାର ପ୍ରତୀକ ତ୍ରିରଙ୍ଗା ପତାକା । ଗଗନ ପବନ ପ୍ରକମ୍ପିତ ହୋଇଥିଲା ଭାରତ ମାତା କି ଜୟ ନାରାରେ । ଶୋଷିତ , ପୀଡ଼ିତ ନିର୍ଯାତୀତ, ଲୁଣ୍ଠିତ ଭାରତର ଲୋକମାନେ ନୂତନ ଆଶା ଓ ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲେ । ନିଜ ଦେଶକୁ ନୂତନ ଭାବରେ ନିଜର ଚିନ୍ତାଧାରା ଅନୁଯାୟୀ ଗୋ ?ରବାନିତ କରିବାର କାର୍ଯ୍ୟକ୍ରମ ମାନ ହାତକୁ ନେଇଥିଲେ । ଇଂରେଜମାନେ ଯେ ସହଜରେ ବିଶାଳ ଭାରତବର୍ଷକୁ ସ୍ୱାଧିନତା ଦେଇ ଚାଲିଗଲେ, ତାହା ନୁହେଁ । ଏହି ସ୍ୱାଧୀନତା ପ୍ରାପ୍ତି ପାଇଁ ଅଗଣିତ ଜନତା ସହିଛନ୍ତି ଅକଥନୀୟ ନିର୍ଯ୍ୟାତନା । ଅନ୍ଧାର କାରାଗାର ଭିତରେ କଟିଛି ଲକ୍ଷ ଲକ୍ଷ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନ । ଖୁବ୍ ଅଳ୍ପ ବୟସରେ ଭାରତ ମାଆର ପାଦରୁ ପରାଧିନତାର ବେଡି ଖୋଲି ବହୁ ଦୂରକୁ ନିକ୍ଷେପ କରିବାର ପ୍ରୟାସରେ ଶହଶହ ଯୁବକ ଝୁଲି ଛନ୍ତି ଫାଶୀ ଖୁଣ୍ଟରେ । ଆକୁମାରୀ ହିମାଚଳ ପରିବ୍ୟାପ୍ତ ସୁବିଶାଳ ଭାରତ ମାଆର ଛାତି ଭିଜିଛି ନିଜ ସନ୍ତାନ ମାନଙ୍କର ଲୁହ ଓ ତାଜା ଉଷୁମ ରକ୍ତରେ । କେତେ ପରିବାର ଯେ ଛାରଖାର ହୋଇଛି ଏହି ସ୍ୱାଧୀନତା ସଂଗ୍ରାମରେ ତା'ର ହିସାବ ନାହିଁ । ଲାଲ୍ ବାଲ୍ ପାଲ୍, ସୁବାଷ ବୋଷ, ଭଗତ ସିଂ, ବାଘାଜତୀନ, ସୁକଦେବ, ରାଜଗୁରୁ, ଉଦ୍ଧାମ ସିଂ , ବୀର ସଭରକର, ବୀର ସୁରେନ୍ଦ୍ର ସାଏଙ୍କ ଭଳି ବୀର ସଂଗ୍ରାମୀଙ୍କ ମାନଙ୍କ ତାଲିକା ଖୁବ୍ ଲମ୍ବା । ଯେଉଁମାନେ କହୁଛନ୍ତି ଅହିଂସା ଦ୍ୱାରା ଭାରତ ସ୍ୱାଧୀନ ହୋଇଛି, ତାହା ଠିକ୍ ବୋଲି ଗ୍ରହଣ କରିବା ଅର୍ଥ ଅସଂଖ୍ୟ ସଂଗ୍ରାମୀଙ୍କ ବଳୀଦାନକୁ ଭୁଲିଯିବା । ଭାରତବର୍ଷରେ ସ୍ୱାଧୀନତା ଆସିଛି ଏହି ପରାକ୍ରମଶାଳୀ ସଂଗ୍ରାମୀ ବୀର ମାନଙ୍କର ଶବ ଉପରେ । ବିଶ୍ୱରେ ଏମିତି କୋ ?ଣସି ପରାଧିନ ଦେଶ ନାହିଁ ଯେଉଁ ଦେଶ ବିନା ରକ୍ତପାତରେ ହାସଲ କରିଛି ସ୍ୱାଧୀନତା । ଭାରତବର୍ଷ କ୍ଷେତ୍ରରେ ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଓ ଅହିଂସା ଆନ୍ଦୋଳନର ଅବଦାନକୁ କେହି ଅସ୍ୱିକାର କରି ପାରିବେ ନାହିଁ କିନ୍ତୁ କେବଳ ଅହିଂସା ଉପାୟରେ ମହାତ୍ମାଗାନ୍ଧୀ ଭାରତକୁ ସ୍ୱାଧୀନ କରିଥିଲେ କହିଲେ ଭୁଲ୍ ହେବ । ହଁ, ଏକଥା ସତ ପରିସ୍ଥିତିକୁ ଦେଖି ଭାରତ ମାଆର ସୁଯୋଗ୍ୟ ସନ୍ତାନ ମହାତ୍ମାଗାନ୍ଧୀ ଅସହଯୋଗ ଓ ଅହିଂସା ଆନ୍ଦୋଳନର ନୀତି ଆପଣେଇ ନେବାକୁ ଭାରତବାସୀଙ୍କୁ ଆହ୍ୱାନ ଦେଇଥିଲେ । କିନ୍ତୁ ବାସ୍ତବରେ ସେ ବି ଯେସାକୁ ତେସା ନୀତିରେ ବିଶ୍ୱାସ କରୁଥିଲେ ବୋଲି ନିଜେ ସ୍ୱୀକାର କରିଛନ୍ତି ତାଙ୍କ ଆତ୍ମଜୀବନୀରେ । ' ମାଇଁ ଏକ୍ସପେରିମେଣ୍ଟ୍ ଉଇଥ୍ ଟ୍ରୁଥ୍' ରେ ଗାନ୍ଧୀ ନିଜେ ଲେଖିଛନ୍ତି, ' ହେଡ ଇଣ୍ଡିଆ ସୋର୍ଡ,ଆଇ ଉଡ୍ ହେଭ୍ ଆସ୍କଡ ହାର ଟୁ ଡ୍ର ଇଟ୍, ବଟ୍ ଏଜ୍ ସି ହେଡ୍ ନୋ ସୋର୍ଡ, ଆଇ ଆସ୍କଡ ହାର ଟୁ ଏଡପ୍ଟ ନନ୍ କୋପରେସନ ଏଣ୍ଡ ନନ୍ ଭାଇଓଲେନ୍ସ ' । ଅର୍ଥାତ୍ ଯଦି ଭାରତ ପାଖରେ ଖଣ୍ଡା ଥାଆନ୍ତା ତା'ହେଲେ ମୁଁ ଭାରତୀୟ ମାନଙ୍କୁ ଖଣ୍ଡା ବାହାର କରି ଶତ୍ରୁ ବିରୋଧରେ ଲଢ଼ିବାକୁ କହିଥାନ୍ତି, କିନ୍ତୁ ଯେହେତୁ ଭାରତ ପାଖରେ ଖଣ୍ଡା ବା ହତିଆର ନଥିଲା, ମୁଁ ଅସହଯୋଗ ଓ ଅହିଂସା ଆନ୍ଦୋଳନକୁ ଆପଣେଇ ନେବାକୁ ଭାରତବାସୀଙ୍କୁ କହିଥିଲି । ଏଥିରୁ ବୁଝା ପଡୁଛି ଗାନ୍ଧୀଙ୍କ ମନୋଭାବ । ଭାରତବର୍ଷର ମୁକ୍ତି ପାଇଁ ପ୍ରତି ଭାରତୀୟ ଥିଲେ ବ୍ୟାକୁଳ । ଉଭୟ ହିଂସା ଓ ଅହିଂସା ଆନ୍ଦୋଳନ ଭାରତର ସ୍ୱାଧୀନତା ପ୍ରାପ୍ତି ପଛରେ ରହିଛି ନିଶ୍ଚିତ । ଜାଲିଆନାୱାଲାବାଗ ଭଳି ବର୍ବର ହତ୍ୟାକାଣ୍ଡ ଘଟିଛି ପଞ୍ଜାବରେ ଏପ୍ରିଲ ୧୩ ତାରିଖ ୧୯୧୯ ରେ ଯେଉଁଥିରେ ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନରତ ନୀରୀହ ଲୋକମାନଙ୍କ ଉପରକୁ ଅତର୍କିତ ଗୁଳିମାଡ଼ ହୋଇଛି ଜେନେରାଲ ଡାୟାରଙ୍କ ନିର୍ଦ୍ଦେଶରେ । ଓଡ଼ିଶାର ଇରମରେ ଘଟିଛି ଦ୍ୱିତୀୟ ଜାଲିଆନାୱାଲାବାଗ ୧୯୪୨ ସେପ୍ଟେମ୍ବର ମାସ ୨୮ ତାରିଖରେ । ଛୋଟିଆ ଶିଶୁ ବାଜି ରାଉତକୁ ବି ଛାଡି ନାହାଁନ୍ତି ଇଂରେଜ ମାନେ । କାହାକୁ ଗୁଳି କରି ମାରିଛନ୍ତି, କାହାକୁ କାରାଗାରରେ ନର୍କ ଯନ୍ତ୍ରଣା ଦେଇ ମାରିଛନ୍ତି ତ ଆଉ କାହାକୁ ଫାଶୀ ଖୁଣ୍ଟରେ ଝୁଲେଇଛନ୍ତି । ଜୟୀ ରାଜଗୁରୁଙ୍କୁ ତ ଇଂରେଜ ସୈନ୍ୟବାହିନୀ ବରଗଛର ଡାଳରେ ବାନ୍ଧି ବତା ଚିରିବା ଭଳି ଚିରି ଦେଇଛନ୍ତି । ଏମିତି ଅନେକ ନୃଶଂସ ହତ୍ୟାକାଣ୍ଡ ଓ ନରସଂହାର ଘଟିଛି ଭାରତର ସ୍ୱାଧୀନତା ସଂଗ୍ରାମରେ । ଏହି ସଂଗ୍ରାମୀଙ୍କ ସଂଗ୍ରାମକୁ, ବଳୀଦାନକୁ ଭାରତୀୟ ମାନେ କେବେ ବି ଭୁଲି ଯିବେନି । ଇତିହାସ ପୃଷ୍ଠାରେ କାହାକୁ ବଡ଼, କାହାକୁ ନୀଚ୍ଚ କରି ଲେଖିବା ଏକ ଅପରାଧ । ସ୍ୱାଧୀନତା ହାସଲ ପରେ ଏବେ ଭାରତ ଏକ ସ୍ୱାଧିନ ସାର୍ବଭୌମ ରାଷ୍ଟ୍ର ସତ, କିନ୍ତୁ କଥା ହେଉଛି ଏହି ସ୍ୱାଧୀନତାର ଅମୃତ ସବୁ ଭାରତୀୟ ମାନଙ୍କ ଓଠକୁ ଛୁଇଁଛି ତ ଆଜିଯାଏଁ ? ଗଣତାନ୍ତ୍ରିକ ପଦ୍ଧତିରେ ଅଧିକ ଭୋଟ ପାଇ ଯେଉଁ ବ୍ୟକ୍ତି ସ୍ୱାଧିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହେବା କଥା ନିୟମ ଦୃଷ୍ଟିରୁ, ସେହି ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ କରାଗଲା ନାହିଁ । ସୂଚେଇ ଦେବାକୁ ଚାହେଁ ଯେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉପରେ ହେଇଥିବା ଅନ୍ୟାୟ ବିଷୟରେ ସମସ୍ତେ ନିଶ୍ଚିତ ଅବଗତ ଓ ଏକଥା ଜାଣିଥିବେ କେଉଁ ପରିସ୍ଥିତିରେ ତାଙ୍କୁ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଦରୁ ବଞ୍ଚିତ କରାଗଲା । ଭାରତବର୍ଷରେ ବୋଧହୁଏ ଗଣତନ୍ତ୍ରର ପ୍ରଥମ ହତ୍ୟା ଆରମ୍ଭ ହେଲା ସେଇଠୁ । ସେବେଠାରୁ ଆଜିଯାଏ ଦଶନ୍ଧି ଦଶନ୍ଧି ଧରି ଚାଲିଛି ଗଣତନ୍ତ୍ର ବ୍ୟବସ୍ଥାରେ ଦେଶର ଶାସନ । ଏହି ସମୟ ମଧ୍ୟରେ କେତେ ନ୍ୟାୟ, କେତେ ଅନ୍ୟାୟ, କେତେ ଠିକ୍ କେତେ ବେଠିକ୍ ହୋଇଛି, ସମୟ ସାକ୍ଷୀ । ସରକାର ଗଠନ ହେଉଛି ଲୋକଙ୍କ ମତ ଅନୁସାରେ, ପୁଣି ସରକାର ବି ବଦଳୁଛି ଲୋକ ମତକୁ ନେଇ । ପାଖାପାଖି ଆଠ ଦଶନ୍ଧି ଧରି ଭାରତ ସ୍ୱାଧୀନ ହେଲାଣି କିନ୍ତୁ ଦୂର୍ଭାଗ୍ୟ ଏବେବି ଅଶି ଭାଗରୁ ଅଧିକ ଲୋକଙ୍କୁ ଆମ ସରକାର ମାଗଣା ଚାଉଳ ଯୋଗାଇ ଦେଉଛନ୍ତି । ଏହାର ଅର୍ଥ ଆମକୁ ଏଇଆ ବୁଝିବାକୁ ହେବ ଯେ ଏବେବି ଭାରତର ଅଶି ଭାଗ ଲୋକ ଗରୀବ ଶ୍ରେଣୀର ଯେଉଁମାନେ ଦିନକୁ ଦୁଇଥର ଖାଇବାକୁ ପାଆନ୍ତି ନାହିଁ । ଏହି କଥାଟି କାହିଁକି କେଜାଣି ମୋର ହଜମ ହେଉନି । ବୋଧହୁଏ ଆମ ଲୋକମାନେ ନିଜର ସମ୍ପତ୍ତି ଲୁଚେଇ ସରକାରୀ ଫାଇଦା ହାସଲର କାଇଦାଟା ଶିଖି ଯାଇଛନ୍ତି ସମାଜର ବଡ଼ ପଣ୍ଡା ମାନଙ୍କ ପାଖରୁ । ମାଗଣା ଯୋଜନାର ମୋହ ଉଭୟ ନେତା ଓ ଜନତାଙ୍କୁ ବେଶ୍ ସୁହଉଛି । ଲୋକ ମାଗଣା ଖାଇ ଖୁସି ଆଉ ନେତା ଭୋଟ ପାଇ ଖୁସି । ଏହି ଦେବା ନେବାର ଖେଳ ଦେଶ ପାଇଁ କେତେ ମହଙ୍ଗା ପଡୁଛି, ସେ ବିଷୟରେ କେହିବି ଚିନ୍ତା କଲାଭଳି ଲାଗୁନି ।ହଜାର ହଜାର ଗାଁରେ ଏବେବି ବିଜୁଳି ନାହିଁ, ପାନୀୟ ଜଳର ସୁବିଧା ନାହିଁ, ଏବେବି ସବୁଦିନିଆ ରାସ୍ତା ନାହିଁ , ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଅନେକ ଦୂରରେ । ଲକ୍ଷ ଲକ୍ଷ ଲୋକଙ୍କ ଜୀବନ କଟୁଛି ପଲିଥିନ୍ ତଳେ ନହେଲେ ଫାଙ୍କା ଆକାଶ ତଳେ । ଆମ ନିଜ ଦେଶର ଲୋକମାନଙ୍କର ସର୍ବନିମ୍ନ ଆବଶ୍ୟକତା ପୁରଣ ହେଇ ପାରୁନି, କିନ୍ତୁ ଏ ଦେଶକୁ ଏକ ଧର୍ମଶାଳା ଭାବି ବାହାର ଦେଶରୁ ପଶି ଆସୁଥିବା ଅନୁପ୍ରବେଶକାରୀ ମାନଙ୍କ ପ୍ରତି ଏ ଦେଶର କିଛି ନେତାଙ୍କର ପ୍ରେମ ଉଛୁଳି ପଡୁଛି ଭୋଟ ପାଇଁ । ଏହି ଅନୁପ୍ରବେଶକାରୀ ମାନଙ୍କୁ ଭୋଟର କାର୍ଡ, ଆଧାର କାର୍ଡ,ରେସନ କାର୍ଡ ଦେଇ ଏ ଦେଶକୁ ବିପଦପୂର୍ଣ୍ଣ କରୁଛନ୍ତି । ଏବେ ଭାରତର କୋଣ ଅନୁକୋଣରେ ବାଂଲାଦେଶୀ ଓ ରୋହିଙ୍ଗିଆ ମାନେ ବସବାସ କରୁଛନ୍ତି । ଏ ଦେଶକୁ ସେମାନେ ଏକ ଧର୍ମଶାଳା ବୋଲି ଭାବୁଛନ୍ତି ଆଉ କିଛି ଶାଗୁଣା ସେମାନଙ୍କୁ ସବୁ ପ୍ରକାରର ଅକୁଣ୍ଠ ସମର୍ଥନ ଯୋଗେଇ ଦେଉଛନ୍ତି ନିଜର ରାଜନୈତିକ ଫାଇଦା ପାଇଁ । ସେହି ଅନୁପ୍ରବେଶକାରୀ ମାନେ ଧିରେ ଧିରେ ଏ ପବିତ୍ର ଦେଶର ସୁରକ୍ଷା ପ୍ରତି ବିପଦ ହେଇ ଠିଆ ହେଉଛନ୍ତି ଓ ଭାରତର ଡେମୋଗ୍ରାଫି ଛବିରେ ପରିବର୍ତ୍ତନ ଆଣୁଛନ୍ତି । ଏ ଦେଶର ମୁନି ଋଷି ପରମ୍ପରା, ସଂସ୍କୃତି ସଂସ୍କାର ସଭ୍ୟତା ଉପରେ କୁଠାରାଘାତ କରିବାକୁ ପଶ୍ଚାତପଦ ହେଉ ନାହାଁନ୍ତି ଏହି ବିଦେଶୀ । ସେମାନେ ଏତେ ସାହସ କେଉଁଠୁ ପାଉଛନ୍ତି । ଯେଉଁମାନେ ଏକାମ କରୁଛନ୍ତି, ସେମାନେ ସତରେ କ'ଣ ଭାରତ ମାଆକୁ ଭଲ ପାଆନ୍ତି ? ଯିଏ ନିଜ ମାଆର ନୁହେଁ, ସେ ଅନ୍ୟର ହେବ କେମିତି ? ନୀଳ ବର୍ଣ୍ଣ ଶୃଗାଳର ଅସଲ ରୂପ କେବେ ଲୁଚି ରହେନା । ଲୋକ ବୁଝିଲେଣି କେଉଁମାନେ ଏ ଦେଶ ସହିତ ବେଇମାନି କରୁଛନ୍ତି । ଏବେ ବାଂଲାଦେଶରେ ଯେଉଁ ଭୟଙ୍କର ଅବସ୍ଥା, ସେଥିରେ କୁଆଡେ କିଛି ବିଦେଶୀ ନେତାଙ୍କ ହାତ ଥିବା ନେଇ ସୋସିଆଲ ମିଡ଼ିଆରେ ପ୍ରଚାର ପ୍ରସାର ଚାଲିଛି । ସୋସିଆଲ ମିଡ଼ିଆରେ ଆପଣମାନେ ସମସ୍ତେ ପ୍ରାୟ ଦେଖିଥିବେ ଜଣେ ଅସହାୟ ନାବାଳିକାକୁ କେମିତି ଅପ୍ରାକୃତିକ ଯୌନ ନିର୍ଯାତନା ଦିଆ ଯାଉଛି ଧର୍ମ ପରିବର୍ତ୍ତନ ପାଇଁ । ଗତକାଲି କାଶ୍ମୀରୀରେ ଏ ଘଟଣା ଘଟିଥିଲା , ଆଜି ପଶ୍ଚିମବଙ୍ଗ ଓ କେରଳରେ ଘଟୁଛି । ବାଂଲାଦେଶ ପରିସ୍ଥିତି ସମସ୍ତେ ଦେଖୁଛନ୍ତି । ଆସନ୍ତାକାଲି ଯେ ଭାରତର ସବୁ ରାଜ୍ୟରେ ଏମିତି ବର୍ବରତା ନଘଟିବ, ସେ କଥା କିଏ କହିବ । ସେତେବେଳେ ସ୍ୱାଧିନ ସାର୍ବଭୌମ ଭାରତର ଅବସ୍ଥା କ'ଣ ହେବ । ହଜାର ହଜାର ବର୍ଷର ପୁରାତନ ହିନ୍ଦୁ ସଭ୍ୟତା ଆଉ ରହିବ ତ ? ଏମିତି ସମୟ ଆସିବା ବେଳକୁ ହୁଏତ ଚାଳିଶ ବର୍ଷ ଡେଇଁଥିବା ଭାରତୀୟ ଆଉ ଜୀବିତ ନଥିବେ । କଥା ହେଉଛି ଆମ ପରବର୍ତ୍ତୀ ପିଢ଼ି ଏ ଦେଶରେ ଖୋଲା ଆକାଶ ତଳେ ଆଉ ପଚାଶ ବର୍ଷ ପରେ ଶାନ୍ତିରେ ନିଶ୍ୱାସ ନେଇ ପାରୁଥିବେ ତ ? ଆମ ଐତିହ୍ୟ ପୀଠ, ଆମ ପୁରାତନ ମଠ ମନ୍ଦିର, ଆମ ଭାସ୍କର୍ଯ୍ୟ, ଆମ ଦେବାଦେବୀ ସୁରକ୍ଷିତ ଥିବେ ତ ସେତେବେଳେ ? ନା ସର୍ବପୁରାତନ ସଭ୍ୟତାର ସମାଧି ଉପରେ ଚାଲୁଥିବ ଜଙ୍ଗଲି ହିଂସ୍ର ଶାସନ । ମନରେ ଏମିତି ପ୍ରଶ୍ନ ଉଙ୍କି ମାରିବା ସ୍ୱାଭାବିକ କଥା ବର୍ତ୍ତମାନର ପରିବେଶ ଓ ପରିସ୍ଥିତିକୁ ଦେଖି । ଯାହା ଦେଶ ପାଇଁ ଭଲ, ଆମ ସଭ୍ୟତା ସଂସ୍କୃତି ସଂସ୍କାର ପାଇଁ ଦରକାର, ଆମେ ସେଥିପ୍ରତି ଆଖି ବୁଜି ଦେଉଛୁ । ବିଭିନ୍ନତା ଭିତରେ ଏକତାର ଦେଶ ଭାରତ ବିଶ୍ୱରେ ବିରଳ । ଏହି ବିରଳ ଦେଶରେ ବେଳେ ବେଳେ ବିଚିତ୍ର ବିରୋଧାଭାସ ଘଟଣାମାନ ଘଟୁଛି । କେଉଁଠି ନଦୀର ପାଣିକୁ ନେଇ ରାଜ୍ୟ ରାଜ୍ୟ ଭିତରେ ଗଣ୍ଡଗୋଳ, କେଉଁଠି ଆଳୁ ରାଜନୀତି ଦୁଇ ରାଜ୍ୟ ଭିତରେ ତ ଆଉ କେଉଁଠି ରାଜ୍ୟର ସୀମାକୁ ନେଇ ତୁମ୍ବିତୋଫାନ । ଏସବୁ ଘଟଣା ଭାରତ ପାଇଁ ଆଦୋ ? ଶୁଭ ଶୁଚନା ନୁହେଁ । ରାଜନୈତିକ ଏକତା, ସାମରିକ ଦୃଷ୍ଟିରୁ ଏକ ସୁରକ୍ଷିତ ଭାରତ ଓ ଆର୍ଥିକ ଦୃଷ୍ଟିକୋଣରୁ ଏକ ସୁଦୃଢ ଭାରତ ଗଠନ ଆଜିର ଆହ୍ୱାନ । ଆମ ଭିତରେ ରାଜନୈତିକ ମତପାର୍ଥକ୍ୟ ଥାଇପାରେ କିନ୍ତୁ ଏହି ମତପାର୍ଥକ୍ୟ ଆମ ନିଜ ଭିତରେ ରହିବା ଦରକାର । ଦୂର୍ଭାଗ୍ୟ କିଛି ନେତା ନିଜର ଫାଇଦା ପାଇଁ ଅତି ନୀଚ୍ଚ ସ୍ତରକୁ ଚାଲି ଯାଉଛନ୍ତି । ଉଦାହରଣ ସ୍ୱରୂପ ଯେତେବେଳେ ଭାରତର ସୈନ୍ୟବାହିନୀ ପାକିସ୍ତାନ ଉପରେ ସର୍ଜିକାଲ ଷ୍ଟ୍ରାଇକ୍ କଲେ ଓ ପାକିସ୍ତାନରେ ସନ୍ତ୍ରାସବାଦୀଙ୍କୁ ନିପାତ କଲେ, କିଛି ନେତା ଆମ ସୈନ୍ୟବାହିନୀକୁ ସାବାସି ଦେବା ବଦଳରେ ସର୍ଜିକାଲ ଷ୍ଟ୍ରାଇକ୍ ର ପ୍ରମାଣ ମାଗିଲେ । ଏଇଟା କେଉଁ ପ୍ରକାରର ମାନସିକତା ଓ ଦେଶପ୍ରେମ , ବୁଝିବା ଭାରି କଷ୍ଟକର । ଏମାନେଙ୍କୁ ଦେଶର ନେତୃତ୍ୱ ଭାର ଦେବା ଅର୍ଥ ନିଜ ବେକରେ ଦଉଡ଼ି ଲଗେଇ ଆତ୍ମହତ୍ୟା କରିବା ସଦୃଶ । ଗୋଟିଏ ପରିବାର ଭିତରେ କଳିଗୋଳ ଲାଗେ, ଏଇଟା ସ୍ୱାଭାବିକ କଥା । ମତାନ୍ତର ମନାନ୍ତର ପରେ ପୁଣି ସ୍ନେହ ଶ୍ରଦ୍ଧାରେ ସମସ୍ତେ ଏକାଠି ହୋଇଥାନ୍ତି । ଠିକ୍ ସେମିତି ଭାରତ ଭଳି ଏକ ବିଶାଳ ଦେଶରେ ବିଭିନ୍ନ ସମସ୍ୟା ରହିବା କିଛି ବଡ଼ କଥା ନୁହେଁ । କିନ୍ତୁ ବଡ଼କଥା ହେଉଛି ସୁସ୍ଥ ମାନସିକତା ନେଇ ସମସ୍ୟାର ସଠିକ୍ ସମାଧାନ କରିବା ଓ ସମାଜର ଉନ୍ନତି ପ୍ରଗତି ପାଇଁ କାମ କରିବା । ଯେଉଁ ରାଜନୈତିକ ଦଳ ଲୋକମତ ଅନୁସାରେ କ୍ଷମତାକୁ ଆସୁ, ସେଥିରେ କିଛି ଅସୁବିଧା ନାହିଁ । ଶାସନ ପ୍ରଶାସନ ସମସ୍ତଙ୍କ ପାଇଁ ନିୟମ ସମାନ ଭାବରେ ଲାଗୁ କରନ୍ତୁ । ଦେଶ ଗୋ ?ରବ ଅର୍ଜ୍ଜନ ପାଇଁ ଯାହା ଭଲ, ସେମିତି ପଦକ୍ଷେପ ନିଅନ୍ତୁ । ଧର୍ମ ଆଧାରରେ ତୁଷ୍ଟିକରଣପାଇଁ ରାଜନୀତି ବନ୍ଦ ହେଉ । ସମସ୍ତେ କୋରାନ ପଢନ୍ତୁ, ସମସ୍ତେ ଗୀତା ପଢ଼ନ୍ତୁ, ବାଇବେଲ ବି ପଢନ୍ତୁ। ନିଜକୁ ସୁହେଇଲା ଭଳି କେଉଁଠି ସମ୍ବିଧାନର ନିୟମ, ପୁଣି ଯେଉଁଠି ନିଜ ସ୍ୱାର୍ଥରେ ବାଧା ଆସୁଛି, ସେଇଠି ନିଜର ମନମାନୀ, ଏସବୁ ବନ୍ଦ ହେଉ । ଗୋଟିଏ ସଂପ୍ରଦାୟକୁ ଖୁସି କରିବାକୁ ଯାଇ ଅନ୍ୟ ମାନଙ୍କୁ ଅଣଦେଖା କରିବା ଠିକ୍ ନୁହେଁ । ଏମିତି ହେଲେ ମତପାର୍ଥକ୍ୟ ଅଧିକ ହେବ । ହିନ୍ଦୁ,ଖ୍ରିଷ୍ଟିଆନ, ମୁସଲମାନ, ଜୈନ, ବୋ ?ଦ୍ଧ, ଆମେ ସମସ୍ତେ ଭାରତ ମାଆର ସନ୍ତାନ । ଆମ ପାଇଁ ଆମ ଦେଶ ବଡ଼, ଧର୍ମ ନୁହେଁ । ଆମ ପାଇଁ ଶାଗୁଣା ବିଲୁଆ ଚିନ୍ତାଧାରା ରଖୁଥିବା ନେତା ବଡ଼ ନୁହେଁ, ଆମ ପାଇଁ ଆମ ମାଟି ବଡ଼ ,ଆମ ସଭ୍ୟତା ବଡ଼ । ଯେଉଁ ମାଟିର ପାଣି ପବନରେ ଆମେ ଜନ୍ମ ହୋଇ ବଡ଼ ହେଇଛେ, ସେହି ମାଟି ସହିତ ବେଇମାନି କରିବା ମହାପାପ । ଅଗଷ୍ଟ ପନ୍ଦର, ଜାନୁୟାରୀ ଛବିଶି ରେ ସମସ୍ତେ ଜାତି ଧର୍ମ ନିର୍ବିଶେଷରେ ଏକ ସ୍ୱରରେ ଜାତୀୟ ସଂଗୀତ ଗାଇବା ଆମର କର୍ତ୍ତବ୍ୟ , ଆମ ଦେଶ ପାଇଁ ଏଇଟା ଆମର ଉଚିତ୍ ସମ୍ମାନ ପ୍ରଦର୍ଶନ । ଅସଂଖ୍ୟ ନାୟକଙ୍କ ବଳୀଦାନ ଓ ଅଗଣିତ ସଂଗ୍ରାମୀଙ୍କ ଅକଥନୀୟ ନିର୍ଯାତନାର ଫଳ ସ୍ୱରୂପ ଭାରତବର୍ଷ ହାସଲ କରିଥିବା ସ୍ୱାଧୀନତା ପ୍ରତି ଆମେ ସବୁବେଳେ ସତର୍କ ଓ ସଜାଗ ରହିବା ଆମର ଅସଲ ଧର୍ମ । ଏ ମହାନ ଦେଶ ଭାରତବର୍ଷର ସୁରକ୍ଷା ଓ ହଜାର ହଜାର ବର୍ଷ ଗୋ ?ରବମୟ ସଭ୍ୟତାର ଅକ୍ଷୁର୍ଣ୍ଣତା ବଜାୟ ରଖିବା ପାଇଁ ଆମେ ସଦା ଚେଷ୍ଟିତ ହେବା ଉଚିତ୍ । ଅଧିକାର ଉପଭୋଗ କରିବା ବାହାନାରେ ନିଜର କର୍ମ ଓ କର୍ତ୍ତବ୍ୟ ପ୍ରତି ଆଖି ବୁଜି ଦେଲେ, ଦେଶ ପାଇଁ ବିପଦ ମାଡ଼ି ଆସିବ । ସବୁବେଳେ ମନେ ରଖିବା ଆମ ପାଇଁ ଆମ ଦେଶ ବଡ଼ । ଦେଶ ସୁରକ୍ଷିତ ରହିଲେ, ଆମେ ଶାନ୍ତିରେ ନିଶ୍ୱାସ ନେଇ ପାରିବା ଓ ଆମ ଭବିଷ୍ୟତ ପିଢ଼ି ଏ ଦେଶକୁ ଠିକ୍ ରାସ୍ତାରେ ଆଗକୁ ନେଇପାରିବେ ।

ଭାରତ ମାତା କି ଜୟ
ବନ୍ଦେ ମାତରଂ ।

ବାସୁଦେବପୁର, ଭଦ୍ରକ
ଦୂରଭାଷ ୯୪୩୭୩୨୦୩୫୦

# ଧନଖଡ୍‌ଙ୍କ ଉପରେ ବିରୋଧି ଅସନ୍ତୁଷ୍ଟ କାହିଁକି ?



ଗୋପାଳ ମହାପାତ୍ର

ରାଜ୍ୟସଭା ପାଇଁ ସଂସଦର ମୌସୁମୀ ଅଧିବେଶନ ହଟ୍ଟଗୋଳ ମାମଲାରେ ଐତିହାସିକ ଥିଲା ବୋଲି କୁହାଯାଇପାରେ। ବୋଧ ହୁଏ ପୂର୍ବରୁ କେବେ ବି ରାଜ୍ୟସଭାର ସଭାପତି ସଦସ୍ୟଙ୍କ ବ୍ୟବହାର କାରଣରୁ ରାଜ୍ୟସଭାର କାର୍ଯ୍ୟକୁ ଛାଡି ପଳାଇଯିବାର ଦେଖାଯାଇନଥିଲା। କିନ୍ତୁ ଗତ ୯ ତାରିଖ ଦିନ ଏଭଳି ଦେଖିବାକୁ ମିଳିଥିଲା। ବୋଧ ହୁଏ ଏହି କାରଣରୁ ରାଜ୍ୟସଭାର ୨୬୫ ତମ ଅଧିବେଶନକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଅନିଶ୍ଚିତ କାଳ ପାଇଁ ସ୍ଥଗିତ କରି ଦିଆଯାଇଥିଲା। ଅନ୍ତିମ ଦିନ ରାଜ୍ୟ ସଭାକୁ ୩/୪ଥର ମୁଲତବି ରଖିବାକୁ ପଡିଥିଲା କାରଣ ବାରମ୍ବାର ହଟ୍ଟଗୋଳ ହୋଇଥିଲା। ଏଥିପାଇଁ କେତେକ ଆବଶ୍ୟକ କାର୍ଯ୍ୟ ସମାପ୍ତ କରାଯିବା ପରେ ରାଜ୍ୟସଭାକୁ ଅନିଶ୍ଚିତ କାଳ ପାଇଁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ ରାଜ୍ୟସଭାକୁ ସ୍ଥଗିତ ରଖାଯିବା କୌଣସି ତତ୍କାଳିନ ସ୍ଥିତିର ପରିଣାମ ନୁହେଁ ବରଂ ଜାଣିଶୁଣି ରାଜ୍ୟସଭାକୁ ସ୍ଥଗିତ ରଖାଯାଇଛି। ଏବେ ଏପ୍ରସଙ୍ଗରେ ଯେଉଁ ଚର୍ଚ୍ଚା ଚାଲିଛି ତଦନୁସାରେ ରାଜ୍ୟସଭାର ସଭାପତି ଜଗଦିପ ଧନଖଡଙ୍କ ବିରୁଦ୍ଧରେ ବିରୋଧି ଇଣ୍ଡିଆମେ ତାଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ଅବିଶ୍ୱାସ ପ୍ରସ୍ତାବ ଆଗତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଯଦି ୯ ତାରିଖରେ ରାଜ୍ୟସଭାକୁ ସ୍ଥଗିତ ରଖାଯାଇନଥାନ୍ତା ତେବେ ୧୦ ତାରିଖ ଦିନ ଜଗଦିପ ଧନଖଡ୍‌ଙ୍କ ବିରୁଦ୍ଧରେ ଅବିଶ୍ୱାସ ପ୍ରସ୍ତାବ ସଂସଦରେ ଆଗତ ହୋଇଥାନ୍ତା। ସଂସଦ (ରାଜ୍ୟସଭା)ରେ ବିଗତ କିଛି ଦିନ ମଧ୍ୟରେ ସାଂସଦ ଜୟାବଚ୍ଚନ ଏବଂ ଜଗଦିପ ଧନଖଡ୍‌ଙ୍କ ମଧ୍ୟରେ ୩ଥର ଉଚ୍ଚବାଚ ହୋଇଥିଲା। ସାଂସଦ ଜୟା ବଚ୍ଚନ ଜଗଦୀପ ଧନଖଡ଼ଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ବୋଧହୁଏ ଧଡ଼ଖଡ଼ଙ୍କ ବିରୁଦ୍ଧରେ ଅବିଶ୍ୱାସ ପ୍ରସ୍ତାବ ଆଗତ କରିବା ପାଇଁ ପୃଷ୍ଠଭୂମୀ ପ୍ରସ୍ତୁତ କରିଥିଲା। ଏକଥା ମଧ୍ୟ ସତ୍ୟ ସଭାପତି ଜଗଦୀପ ଧନଖଡ଼ଙ୍କ ଉପରେ ବିରୋଧି ପୂର୍ବରୁ ଅସନ୍ତୁଷ୍ଟ ଥିଲେ।

ସଂସଦର ଗତ ଶୀତ ଅଧିବେଶନରେ ରାଜ୍ୟସଭାର ୧୪୧ ଜଣ ସାଂସଦକୁ ନିଲମ୍ବିତ କରାଯାଇଥିଲା। ସେବେଠାରୁ ବିରୋଧି ଦଳ ମାନେ ଜଗଦୀପ ଧନଖଡଙ୍କ ଉପରେ ଅସନ୍ତୁଷ୍ଟ ଥିଲେ। ଏବେ ବିରୋଧି ଦଳର ୮୭ ସାଂସଦ ଧନଖଡ୍ ଙ୍କ ବିରୁଦ୍ଧରେ ଅବିଶ୍ୱାସ ପ୍ରସ୍ତାବ ଆଗତ କରିବା ପାଇଁ ଦସ୍ତଖତ କରିଥିଲେ। ପୂର୍ବରୁ କେବେ ବି ରାଜ୍ୟ ସଭାର ସଭାପତିଙ୍କୁ ହଟାଇବା ପାଇଁ ଏଭଳି ଏକଜୁଟ ହେବା ଦେଖାଯାଇ ନଥିଲା।

ବିରୋଧିଙ୍କ ଅଭିଯୋଗ ହେଉଛି ଜଗଦୀପ ଧନଖଡ଼ ବିରୋଧିଙ୍କୁ ଗୁରୁତ୍ୱ ଦେଉ ନାହାଁନ୍ତି। ପ୍ରତି କଥାରେ ବିରୋଧିଙ୍କୁ ନିରାଦର କରୁଛନ୍ତି। ବିରୋଧି ଯେଭଳି ଭାବରେ ଧନଖଡ଼ଙ୍କ ବିରୁଦ୍ଧରେ ଏକଜୁଟ ହୋଇଛନ୍ତି ତାର ପରିମାଣ ସ୍ୱରୂପ ସଂସଦୀୟ ଇତିହାସରେ ପ୍ରଥମ ଥର ପାଇଁ ରାଜ୍ୟସଭା ସଭାପତିଙ୍କୁ ୱାକଆଉଟ କରିବାକୁ ପଡିଥିଲା। କାଳେ ଅବିଶ୍ୱାସ ପ୍ରସ୍ତାବ ବିରୋଧି ମାନେ ଆଗତ କରିବେ ସେଥିପାଇଁ ରାଜ୍ୟ ସଭାକୁ ସ୍ଥଗିତ ରଖାଗଲା। ଯଦି ସେପ୍ଟେମ୍ବର ୩ତାରିଖ ପୂର୍ବରୁ ଏଭଳି ସ୍ଥିତି ଉପୁଜେ ତେବେ ଜଗଦୀପ ଧନଖଡ଼ଙ୍କ ବିରୁଦ୍ଧରେ ଅବିଶ୍ୱାସ ପ୍ରସ୍ତାବ ମଧ୍ୟ ଆଗତ ହୋଇପାରେ। କାରଣ ରାଜ୍ୟସଭାରେ ଏବେ ୨୨୫ ସାଂସଦ ଅଛନ୍ତି, ଏମାନଙ୍କ ମଧ୍ୟରୁ ବିଜେପିର ୮୬ ଜଣ ସାଂସଦ ଅଉନ୍ତି ଓଏନ୍‌ଡିଏର ୧୦୧ଜଣ ସାଂସଦ ଅଛନ୍ତି। ରାଜ୍ୟସଭାରେ ସଂଖ୍ୟାଗରିଷ୍ଠତା ପାଇଁ ଏବେ ୧୧୩ ଜଣ ସାଂସଦଙ୍କ ଆବଶ୍ୟକ ରହିଛି। ଇଣ୍ଡିଆ ମେ ର ୮୭ ସାଂସଦ ଥିବା ବେଳେ ୱାଇଏସଆର କଂଗ୍ରେସ ପାର୍ଟିର ୧୧ ସାଂସଦ, ବିଜୁଜନତା ଦଳର ୮ ସାଂସଦ ଏଆଇଡିଏମ୍‌କେର ୪ସାଂସଦ ଅଛନ୍ତି। ୱାଇଏସଆଇ କଂଗ୍ରେସ, ବିଜୁ ଜନତା ଦଳ ଏବଂ ଏଆଇ ଡିଏମ୍‌କେ ର ୨୩ ସାଂସଦ ପୁରା ପରିସ୍ଥିତିକୁ ବିଗାଡି ଦେଇପାରିବେ। ଏହି ୨୩ ସାଂସଦ ଯଦି ଇଣ୍ଡିଆ ମେର୍ଟ ସହ ମିଶିଯିବେ ତେବେ ସେମାନଙ୍କ ସଂଖ୍ୟା ବଢ଼ିଯିବ। କିନ୍ତୁ ସେପ୍ଟେମ୍ବର ୩ ତାରିଖରେ ରାଜ୍ୟ ସଭାର ୧୨ଟି ଆସନ ପାଇଁ ନିର୍ବାଚନ ହେବ ଏବଂ ଏହି ୧୨ଟିଆସନ ମଧ୍ୟରୁ ୧୦ଟି ଆସନ ବିଜେପିକୁ ମିଳିବ। ଏଣୁ ସେପ୍ଟେମ୍ବର ୩ ତାରିଖ ପରେ ଏନ୍‌ଡିଏର ସଂଖ୍ୟା ମଧ୍ୟ ବଢ଼ିଯିବ। କିନ୍ତୁ ୧୨ ଆଶନର ନିର୍ବାଚନ ପରେ ରାଜ୍ୟସଭାର ସଦସ୍ୟଙ୍କ ସଂଖ୍ୟା ୨୩୭ ହୋଇଯିବ ଏଣୁ ସଂଖ୍ୟା ଗରିଷ୍ଠତା ପାଇଁ ୧୧୯ ସାଂସଦଙ୍କର ଆବଶ୍ୟକତା ପଡିବ। ଏଭଳି ସ୍ଥିତିରେ ବିଆରଏସର ୪ସାଂସଦ, ବିଏସ୍‌ପିର ଜଣେ ସାଂସଦ, ଏମ୍‌ଡିଏମ୍‌କେର ଜଣେ ସାଂସଦ ଏବଂ ଅନ୍ୟ ସ୍ୱାଧିନ ସଦସ୍ୟଙ୍କ ଉପସ୍ଥିତି ଓ ଅନୁପସ୍ଥିତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏସବୁ ସତ୍ତ୍ୱେ ରାଜ୍ୟସଭାର ସଭାପତି ପଦରୁ ଜଗଦିପ ଧନଖଡ଼ ଙ୍କ ବିରୁଦ୍ଧରେ ପ୍ରସ୍ତାବ ଗୃହୀତ ହେବ କି ନାହିଁ ତାହା ଭିନ୍ନ କଥା। ଲୋକସଭାରେ ଏନ୍‌ଡିଏର ସଦସ୍ୟଙ୍କ ସଂଖ୍ୟା ୨୯୩ ଥିବା ବେଳେ ଇଣ୍ଡିଆ ବ୍ଲକର ୨୩୬ ସଦସ୍ୟ ଅଛନ୍ତି ସଂଖ୍ୟାଗରିଷ୍ଠତା ପାଇଁ ୨୭୨ ସାଂସଦଙ୍କର ଆବଶ୍ୟକତା ରହିଛି। ଏସବୁ କାରଣରୁ ଜଗଦିପ ଧନଖଡ଼ ହୁଏତ ପଦବୀ ହରାଇ ନପାରନ୍ତି କିନ୍ତୁ ଅବସ୍ଥା ଦୃଷ୍ଟିରୁ ତାଙ୍କ ପଦବୀର ଅବମୂଲ୍ୟାୟନ ନିଷ୍ଚୟ ହେବ।

ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଏଭଳି ସ୍ଥିତି ଉପୁଜିଲା କାହିଁକି ? ଏକଥାରେ ଦ୍ୱିମତ ହେବାର ନାହିଁ ଯେ ଜଗଦୀପ ଧନଖଡଙ୍କର ଆଇନ୍ ବାବଦରେ ଜ୍ଞାନ ଅଛି ଓ ସେ ବାକ୍‌ପଟୁ ଅଟନ୍ତି। କିନ୍ତୁ ବିଗତ କିଛି ବର୍ଷ ହେବ ସେ ସମସ୍ତ ରାଜନୈତିକ ଆଦର୍ଶକୁ ଭୁଲି ଯାଇଛନ୍ତି ଏପରିକି ଦୁଇବର୍ଷରୁ ଅଧିକ ସମୟ ପଶ୍ଚିମବଙ୍ଗର ରାଜ୍ୟପାଳ ଥିବା ବେଳେ ମମତା ବାନାର୍ଜୀଙ୍କ ସରକାରକୁ ନାକେଦମ କରିଥିଲେ ଏବଂ ଉପରାଷ୍ଟ୍ରପତି ହେବା ପରେ ବିରୋଧି ନେତା ମାନଙ୍କୁ ମନମାନି କରି ନିଲମ୍ବିତ କରିଥିଲେ, ବିରୋଧି ସଂସଦଙ୍କୁ ରାଜ୍ୟ ସଭାରେ କହିବାକୁ ସୁଯୋଗ ଦେଇନଥିଲେ, ଜବରଦସ୍ତ ବସିବା ପାଇଁ କହୁଥିଲେ ସେସବୁ କାରଣରୁ ବିରୋଧି ତାଙ୍କ ଉପରେ ଅସନ୍ତୁଷ୍ଟ ଥିଲେ। ଯେହେତୁ ଏବେ ଲୋକସଭାର ଢ଼ା ।ବଦଳି ଯାଇଛି ଓ ମୋଦୀ ସହଯୋଗୀ ମାନଙ୍କ ସହାୟତାରେ ସରକାର ଗଠନ କରିଛନ୍ତି ସେହି କାରଣରୁ ବିରୋଧିଙ୍କ ସାହାସ ବଢ଼ିଯାଇଛି। ଏସବୁ ପରେ ମଧ୍ୟ ଧନଖଡ଼ ଏବେବି ବିରୋଧି ସାଂସଦ ମାନଙ୍କୁ ପୂର୍ବ ଅଧିବେଶନରେ ଯେଭଳି ବ୍ରବହାର ପ୍ରଦର୍ଶନ କରୁଥିଲେ ସେଭଳି ବ୍ୟବହାର ପ୍ରଦର୍ଶନ କରିବାକୁ ଚାହୁଁଛନ୍ତି। ଏଣୁ ବିରୋଧି ବିରୋଧ କରିବା ସ୍ୱଭାବିକ। ଜୟାବଚ୍ଚନଙ୍କ ପ୍ରସଙ୍ଗ ତ ଏକ ତତ୍କାଳିକ ବାହାନା ମାତ୍ର।

ରାଜ୍ୟ ସଭାରେ ଜୟାବଚ୍ଚନ ଏବଂ ସଭାପତି ଜଗଦୀପ ଧନଖଡ଼ଙ୍କ ମଧ୍ୟରେ କଥା କଟାକଟି ଘଟଣାକୁ ନେଇ ମାହୋଲ ପୁରା ସରଗରମ ହୋଇଥିଲା ଓ ବିରୋଧି ଦଳର ସାଂସଦ ମାନେ ଜୟାବଚ୍ଚନଙ୍କୁ ନେଇ ଏକଜୁଟ ହୋଇଥିଲେ। ଧଡ଼ଖଡ଼େ କିନ୍ତୁ ଜୟାବଚ୍ଚନଙ୍କ ସହ ଉଚ୍ଚବାଚ କାରଣରୁ ତାଙ୍କର ଅସମ୍ମାନ ହୋଇଛି ବୋଲି ଭାବିଥିଲେ। ହେଲେ ସେ ଭୁଲି ଯାଇଥିଲେ ଯେ ପୁର୍ବରୁ ସେ କେମିତି ତାଙ୍କ ଶକ୍ତିର ବ୍ୟବହାର କରି ଅନେକ ବାର ରାଜ୍ୟ ସଭାକୁ ପୁରାପୁରି ବିପକ୍ଷ ବିହୀନ କରିଦେଇଥିଲେ। କଥା ହେଉଛି ପରସ୍ପରର ସମ୍ମାନରେ ହିଁ ଗଣତନ୍ତ୍ର ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ବ ,ରହିପାରିବ ନହେଲେ ସଂସଦର ଅଧିବେଶନ ମଧ୍ୟ ଆଖଡ଼ାଶାଳ ପାଲଟିଯିବ।

ଏଠି ଆଉ ଏକ ପ୍ରସଙ୍ଗକୁ ଅବତାରଣା କରାଯିବାର ଆବଶ୍ୟକତା ରହିଛି। ଆମ ସମ୍ବିଧାନରେ ଉପ-ରାଷ୍ଟ୍ରପତିଙ୍କୁ ରାଜ୍ୟସଭାର ସଭାପତିଙ୍କ କାର୍ଯ୍ୟ ଦାୟିତ୍ୱ ପ୍ରଦାନ କରାଯାଇଛି କାହିଁକି ? ଏ ପ୍ରଶ୍ନର ଉ ର କାହାପାଖରେ ନାହିଁ। ଉପରାଷ୍ଟ୍ରପତି ରାଜ୍ୟସଭାର ସଦସ୍ୟ ମଧ୍ୟ ନୁହଁନ୍ତି। ଜଣେ ଅଣସଦସ୍ୟଙ୍କୁ ସଭାପତି ଦାୟିତ୍ୱ ପ୍ରଦାନ କରାଯିବା ଓ ନିର୍ବାଚିତ ସଦସ୍ୟ ମାନଙ୍କୁ ତାଙ୍କର ଦୁଃବ୍ୟବହାର କେତେଦୁର ଯୁକ୍ତିଯୁକ୍ତ ? ସ୍ୱାଧିନତାର ୭୭ବର୍ଷ ପରେ ମଧ୍ୟ ଏ ବାବଦରେ କେହି ଚିନ୍ତା କରୁନାହାଁନ୍ତି କାହିଁକି ? ଏ ପର୍ଯ୍ୟନ୍ତ ଦେଶରେ ୧୦୦ରୁ ଅଧିକଥର ସମ୍ବିଧାନ ସଂଶୋଧନ ହୋଇ ସାରିଲାଣି କିନ୍ତୁ ଏ ପ୍ରସଙ୍ଗକୁ ସଂଶୋଧନ କରାଯାଉନାହିଁ କାହିଁକି ? ଲୋକସଭା ଭଳି ରାଜ୍ୟସଭାର ପରିଚାଳନା ଦାୟିତ୍ୱ ଜଣେ ନିର୍ବାଚିତ ପ୍ରତିନିଧିଙ୍କୁ କ'ଣ ଦିଆଯାଇ ପାରିବ ନାହିଁ ? ବିଗତ ଦିନରେ ରାଜ୍ୟ ସଭାରେ ଘଟିଥିବା ଘଟଣା କାରଣରୁ ଏ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଉପରାଷ୍ଟ୍ରପତି ଧନଖଡ଼ ତାଙ୍କ ବିବାଦୀୟ ବୟାନବାଦି କାରଣରୁ ବେଶ ବିବାଦୀୟ। ଧନଖଡ଼ ହେଉଛନ୍ତି ରାଜ୍ୟସଭାର ସଭାପତି ଏଣୁ ସଦସ୍ୟ ମାନଙ୍କ ଅଧିକାରକୁ ସୁରକ୍ଷା ଦେବା ତାଙ୍କ ଦାୟିତ୍ୱ। ଯଦି ସଂରକ୍ଷକ ହୋଇ ଗୋଟିଏ ପକ୍ଷ ସହ ଭେଦଭାବ କରିବେ ତେବେ ତାଙ୍କ ପଦବୀର ସମ୍ମାନ ଓ ପ୍ରତିଷ୍ଠା କ୍ଷୁର୍ଣ୍ଣ ହେବ ନିଶ୍ଚୟ। ଧନଖଡ଼ ଯେଉଁ ପଦରେ ଅଧିଷ୍ଠିତ ଅଛନ୍ତି ସେଇ ପଦବୀରେ ସର୍ବପଲ୍ଲୀ ଡ଼କ୍ଟର ରାଧାକୃଷ୍ଣନଙ୍କ ଠାରୁ ଆରମ୍ଭ କରି ବିଜେପି ନେତା ଭୈରୋସିଂହ ଶେଖାବତ ବସିଥିଲେ। ଧନଖଡ଼ ସେମାନଙ୍କ ଠାରୁ ଶିଖିବା ଉଚିତ୍ ଓ ନିଜ ବ୍ୟବହାରର ଆତ୍ମବଲୋକନ କରିବା ଉଚିତ୍। ଧନଖଡ଼ ତାଙ୍କ ବ୍ୟବହାରକୁ ସନ୍ତୁଳିତ ରଖିବା ଦରକାର। କିନ୍ତୁ ନିଜକୁ ସଂସଦ ଭିତରେ ଶାସକ ଦଳର ଏଜେ ଭାବେ କାର୍ଯ୍ୟ କରିବା ଭଳି ଏକ ନୂଆ ପରମ୍ପରା କରିଛନ୍ତି ଧନଖଡ଼ ଯାହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ।

*ରଣପୁର*




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତ୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ, ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି, କିନ୍ତୁ ୨୦ ବର୍ଷ ଚାକିରୀ କଳାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଡଃ.ଶ୍ରୀଧର ସାମଲଙ୍କ କବିତା ସଙ୍କଳନ ପୁସ୍ତକ ନିଃଶବ୍ଦ ଆଳାପ ଲୋକାର୍ପିତ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ.ଶ୍ରୀଧର ସାମଲଙ୍କ ଦ୍ୱାରା ରଚିତ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଶୁକ୍ରବାର ସ୍ଥାନୀୟ ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପଣ କରାଯାଇଛି । ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୁବନେଶ୍ୱରର ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି, ସାହିତ୍ୟିକ ଡଃ.ବାସୁଦେବ ଦାସ, ପ୍ରାଧ୍ୟାପକ ତପନ କୁମାର ପତି ପ୍ରମୁଖ ଯୋଗଦେଇ କବି ଡଃ.ସାମଲଙ୍କ ରଚିତ କବିତା ସଙ୍କଳନ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଲୋକାର୍ପିତ କରିଥିଲେ । ପୁସ୍ତକ ରଚୟିତା ଡଃ.ସାମଲ ଏକାଧାରରେ ଜଣେ କବି, ପ୍ରାବନ୍ଧିକ,ସୁବକ୍ତା ଓ ପ୍ରକୃତିପ୍ରିୟ ମଣିଷ । ବିଶ୍ୱ ବିଖ୍ୟାତ ପର୍ଯ୍ୟଟନକ୍ଷେତ୍ର ଭିତରକନିକା ଉପରେ ନିବନ୍ଧ ରଚନା କରିବା ସହ ଆକାଶବାଣୀ,କଟକ କେନ୍ଦ୍ରରେ ସୁବକ୍ତା ଭାବରେ ତାଙ୍କର ଉପଲବ୍ଧି ସବୁଠି ରହିଛି । ତାଙ୍କର ଅନେକ ନିବନ୍ଧ ଜାତୀୟ ଓ ଅନ୍ତର୍ଯ୍ୟାତୀୟ ପତ୍ରପତ୍ରିକାରେ ପ୍ରକାଶ ପାଇ ବିପୁଳ ପାଉଠକୀୟତା ଅର୍ଜନ କରିଛି । ଡଃ.ସାମଲ ଅଧୁନା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭୁଗୋଳ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ), ନୂଆଦିଲ୍ଲୀର ସଂଯୋଜକ ଏବଂ ଓଡିଶା ସରକାରଙ୍କ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଛନ୍ତି । ତାଙ୍କର ଏହି ଭିନ୍ନ ସ୍ୱାଦର କବିତା ସଙ୍କଳନଟି ପାଠକ ମହଲରେ ବିଶେଷ ଆଦୃତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅମୀୟ ଜେନା, ପ୍ରାଧ୍ୟାପକ ଜତୀନ୍ଦ୍ର କୁମାର ରାଉତ, ତ୍ରିଲୋଚନ ପ୍ରଧାନ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ, ନଳିନୀ ବେହେରା, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ପ୍ରମୁଖ ବହୁ ସାହିତ୍ୟପ୍ରେମୀ ଓ ବିଶିଷ୍ଟବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖିବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି, ତାହା କେବଳ ପରବର୍ତି ସମୟ ହିଁ କହିବ ।


MAHARISHI PUBLIC SCHOOL

2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Wednesday August 21 2024 ଭୁବନେଶ୍ୱର ବୁଧବାର, ଅଗଷ୍ଟ ୨୧,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ମହର୍ଷି ପବ୍ଲିକ୍ ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ



ବାରିପଦା,(ପି.ଏନ):ସ୍ଥାନୀୟ ମହର୍ଷି ପବ୍ଲିକ୍ ସ୍କୁଲରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ଙ୍କ ଗହଣରେ ୭୮ତମ ସ୍ୱାଧୀନତା ଦିବସ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ସ୍କୁଲର ଶ୍ରୀ ଅଶୋକ କୁମାର କର ଜାତୀୟ ପତାକା ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ ପିଲାମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ । ସ୍କୁଲ ର ପ୍ରଧାନ ଶିକ୍ଷକ ଶ୍ରୀ କାଜଲ କାନ୍ତି ମହାପାତ୍ର ତାଙ୍କ ବ୍ୟକ୍ତବ୍ୟ ରଖି କିପରି ୨୦୦ ବର୍ଷ ର ଇଂରେଜ ଶାସନକୁ ହଟାଇବା ପାଇଁ ଭାରତ ବର୍ଷ ର ଅନେକ ମନୀଷୀ ପ୍ରାଣବଳୀ ଦେଇ ଲଢେଇ ଜାରି ରଖି ଆମକୁ ସ୍ୱାଧୀନତା ଦେଇଛନ୍ତି ତାହା ବର୍ଣ୍ଣନା କରିଥିଲେ । ସେମାନଙ୍କୁ ମାନେ ପକାଇ ସେମାନଙ୍କ ଉଦ୍ଦେଶ୍ୟ ରେ ପିଲାମାନଙ୍କ ସ୍ଲୋଗାନ ରେ ପରିବେଶ କମ୍ପିତ ହୋଇଥିଲା । ଛାତ୍ର ଛାତ୍ରୀ , ଶିକ୍ଷକ ଶିକ୍ଷୟତ୍ରୀ ଓ ଉପସ୍ଥିତ ଅଭିଭାବକ ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ମନୀଷୀ ମାନଙ୍କ ଉଦ୍ଦେଶ୍ୟରେ ସମବେତ ପ୍ରଣାମ ଜଣାଇଥିଲେ । ପରେ ପରେ ପିଲାମାନଙ୍କ ଦ୍ୱାରା ନାଚ , ଗୀତ , ଭାଷଣ ଆଦି ପରିବେଷଣ କରାଯାଇଥିଲା । ସ୍କୁଲ ତରଫରୁ ପ୍ରତ୍ୟେକ ବର୍ଷ ପରି ଏଥର ମଧ୍ୟ ଏକ ସିଭିଲିଆନ ଦଳ ଜିଲ୍ଲା ପ୍ୟାରେଡ ପଡିଆ ରେ ଭାଗ ନେଇ ଉତ୍ତମ ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି । ଦିନଟିକୁ ସ୍ମରଣୀୟ କରି ରଖିବାରେ ସ୍କୁଲର ପ୍ରତ୍ୟେକ ଶିକ୍ଷକ ଶିକ୍ଷୟତ୍ରୀଙ୍କର ପ୍ରେରଣା ପ୍ରଶଂସନୀୟ । ଶେଷରେ ପିଲାମାନଙ୍କୁ ଚୋକଲେଟ ବଣ୍ଟାଯାଇଥିଲା ।

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ରକ୍ଷାବନ୍ଧ ଉତ୍ସବ ପାଳନ

ଯାଜପୁର,(ପି.ଏନ):ଯାଜପୁରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ପବିତ୍ର ରକ୍ଷା ବନ୍ଧନ ଉତ୍ସବରେ ଅନୁଷ୍ଠାନର କୋର କମିଟି ସଦସ୍ୟ ଭରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର କାର୍ଯ୍ୟାଳୟ ସପନପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟାପକ ଦାମୋଦର ବେହେରା, ଅନ୍ୟତମ ଅତିଥିଭାବେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ଉପଦେଷ୍ଟା ହରିହରି ସ୍ୱାଇଁ, ବରିଷ୍ଠ ସଦସ୍ୟ ଦିବାକର ମିଶ୍ର, ବରିଷ୍ଠ ନାଗରିକର ସମ୍ପାଦକ ପ୍ରବୋଧ କୁମାର ନାୟକ, ଅନିଲ କୁମାର ମହାନ୍ତି, କ୍ଷୀରୋଦ ଚନ୍ଦ୍ର ପାଠୀ, ଗୀତାଜାଗରଣ ପରିଷଦର ସଭାପତି ପ୍ରତିମା କର, ଅନନ୍ୟା ସମ୍ପାଦକ କାହ୍ନୁ ଚରଣ ମିଶ୍ର, ଅଧିକାରୀ ନବକିଶୋର ଦାସ, ପ୍ରମୁଖ ଯୋଗଦାନ କରି ରାକ୍ଷୀପୂର୍ଣ୍ଣିମା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ପରେ ଅନୁଷ୍ଠାନର ସଦସ୍ୟମାନେ ମିଳିତ ହୋଇ ପବିତ୍ର ଭାଇ ଭଉଣୀର ସମ୍ପର୍କକୁ ଉଦ୍‌ଜୀବିତ କରିବା ପାଇଁ ସମସ୍ତ ସଦସ୍ୟମାନଙ୍କ ହାତରେ ରକ୍ଷାବନ୍ଧନ କରିବା ସହିତ ଚନ୍ଦନ, ଫୁଲ, ଦୀପ ଦେଇ ବନ୍ଦାପନା କରି ମିଠା ଖୁଆଇଥିଲେ ।

## ରାଇଭା ଫାଉଣ୍ଡେସନ ପକ୍ଷରୁ ପାରାଦୀପରେ ତିନିଦିନ ବ୍ୟାପି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ




ପାରାଦୀପ ,(ପି.ଏନ): ଓଡ଼ିଶା ର ଅଗ୍ରଣୀ ସାମାଜିକ ସେବା ସଂସ୍ଥାନ ରାଇଭା ଫାଉଣ୍ଡେସନ ପକ୍ଷରୁ ପାରାଦୀପରେ ତିନିଦିନ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ସେବା କାର୍ଯକ୍ରମରେ ବାଲିଝରା ର ଜରାଶ୍ରମରେ ସ୍ୱାସ୍ଥ୍ୟ ଚେତନା ଶିବିର ଆୟୋଜିତ ହେବା ସହ ଅନ୍ନଦାନ କାର୍ଯକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସଂସ୍ଥା ର ମୁଖ୍ୟ ଡକ୍ଟର ଅରୁନ୍ଧତୀ ଲେଙ୍କାଙ୍କ ତତ୍ତ୍ୱାବଧାନରେ ସୁଚାରୁ ରୂପେ ପରିଚାଳନା କରାଯାଇଥିଲା । ଏଥିରେ ଜୀବନବିମା କମ୍ପାନୀ ର ଅବସରପ୍ରାପ୍ତ ପରିଚାଳକ ତଥା ଆର୍ଟ ଅଫ ଲିଭିଙ୍ଗ ର ବରିଷ୍ଠ ଯୋଗ ଶିକ୍ଷକ ଦିଲୀପ କୁମାର ନନ୍ଦ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।ପାରାଦୀପ ରେ ଆଗକୁ ଏହିଭଳି ସର୍ବ ସାଧାରଣ ଙ୍କ ପାଇଁ ତଥା ବସ୍ତି ବାସିନ୍ଦା ଙ୍କ ପାଇଁ ନିଃଶୁଳ୍କ ନେତ୍ର ଚିକିତ୍ସା ,ନିଶାମୁକ୍ତ ସଚେତନତା ତଥା ଶାରିରୀକ ସୁସ୍ଥତା,ବୃକ୍ଷ ରୋପଣ ଆଦି ବହୁ କାର୍ଯକ୍ରମ କରାଯିବ ବୋଲି ରାଇଭା ଫାଉଣ୍ଡେସନ ର ପରିଚାଳନା ଟ୍ରଷ୍ଟ ଡକ୍ଟର ଅରୁନ୍ଧତୀ ଲେଙ୍କା ସୂଚନା ଦେଇଛନ୍ତି ।ପାରାଦୀପ ରେ ଏହିଭଳି କାର୍ଯ୍ୟକ୍ରମ କୁ ସଫଳ କରାଇବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

## ପାରାଦୀପ ମହାବିଦ୍ୟାଳୟ ର ଆଲୁମ୍ନି ଆସୋସିଏସନ ଗଠିତ : ବସ




ପାରାଦୀପ,(ପି.ଏନ):ପାରାଦୀପ ମହାବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ମଙ୍ଗଳବାର ଦିନ କଲେଜ ପରିସରରେ ଆୟୋଜିତ ଏକ ଗୁରିତ୍ୱପୂର୍ଣ୍ଣ ବୈଠକରେ ପୂର୍ବତନ ଛାତ୍ରଛାତ୍ରୀ ମାନେ ଏକାଠି ହୋଇ ସର୍ବସମ୍ମତି କ୍ରମେ ଆଲୁମ୍ନି ଆସୋସିଏସନ ର ସଭାପତି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କୁ ମନୋନୀତ କରିଥିଲେ । ଏଥିରେ ମୁଖ୍ୟ ଉପଦେଷ୍ଟା ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ପାରାଦୀପ ବିଧାୟକ ତଥା ରାଜ୍ୟ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରହିଥିବା ବେଳେ ମହାବିଦ୍ୟାଳୟ ର ଅଧ୍ୟକ୍ଷା ଡ଼ଃ.ସସ୍ମିତା ଶତପଥି, ରବି ଦାସ ଏବଂ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଆସୋସିଏସନ ର ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ । ସେହିପରି ଉପସଭାପତି ଭାବେ ପ୍ରଦୀପ୍ତ ଦାସ,ଅନୁପ ସାହାଣୀ ଓ ସୁଶାନ୍ତ ଶେଖର ସ୍ୱାଇଁ, ସାଧାରଣ ସମ୍ପାଦକ ଗୌତମ ନାୟକ, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, ବିଶ୍ୱନାଥ ବଳ, କୋଷାଧ୍ୟକ୍ଷ ମନମୋହନ ମିଶ୍ର, ସହ କୋଷାଧ୍ୟକ୍ଷ ବିଶ୍ୱଜିତ ସାମଲ, ମିଡ଼ିଆ ସେଲ ସଦସ୍ୟ ଶଶାଙ୍କ ଆଚାର୍ଯ୍ୟ, ସଞ୍ଜୟ ମିଶ୍ର ପ୍ରମୁଖ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ଭାବେ ଶଙ୍କର ପ୍ରସାଦ ରାଉତ, ଆଲୋକ ମହାପାତ୍ର, ନଳିନୀ ପ୍ରଭା ସାହୁ, ନୀଳିମା ପ୍ରିୟଦର୍ଶିନୀ, ସୌଭାଗ୍ୟ ମାଝୀ, ହିମାଂଶୁ ନାୟକ, ସରୋଜକାନ୍ତ ଜେନା, ସୁଶାନ୍ତ କୁମାର ବେହେରା, ଶିବାନୀ ସତ୍ୟପ୍ରକାଶ, ଅନିଲ ନାୟକ ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ । ତେବେ ମହାବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ କୁ ମହାସମାରୋହରେ ସଫଳତାର ସହ ପାଳନ କରିବାକୁ ଏହି ବୈଠକରେ ଆଲୋଚନା ହୋଇଥିଲା ।

## ଧାମନଗର ଏନ.ଏ.ସି ସଫେଇ କର୍ମଚାରୀଙ୍କ ନିଯୁକ୍ତି ପାଇଁ ଧାରଣା



ଧାମନଗର,(ପି.ଏନ):ଧାମନଗର ଏନ.ଏ.ସି ଅଧୀନରେ ଦୁଇ ବର୍ଷ ପୂର୍ବରୁ ଭାରତ ସିକ୍ୟୁରିଟି ସଂସ୍ଥା ୫୬ଜଣଙ୍କୁ ନିଯୁକ୍ତି ଦେଇଥିଲା ।ନୂତନ ସଫେଇ ଠିକାଦାର ପ୍ରତ୍ୟୁଷ ସାନିଟେସନ ଗତ ତା ୧/୮/୨୪ ରିଖ ଠାରୁ ସଫେଇ ଦାଇତ୍ୱ ନିର୍ବାହ କରୁଥିବା ବେଳେ ପୁରୁଣା ସଫେଇ କର୍ମଚାରୀଙ୍କ ମଧ୍ୟରୁ କିଛି କର୍ମଚାରିଙ୍କୁ ବାହାର କରି ଦିଆ ଯାଇଥିବା ଅଭିଯୋଗ ହୋଇଥିଲା । ଉକ୍ତ ସଫେଇ କାର୍ଯ୍ୟରେ ବହୁତ କର୍ମଚାରୀମାନଙ୍କର ନିଯୁକ୍ତିର ଆବଶ୍ୟକତା ଥିବାରୁ ଉକ୍ତ ନିଯୁକ୍ତି ପ୍ରକ୍ରିୟାରେ ଧାମନଗର ଏନ.ଏ.ସିର ପାରିଷଦ ବର୍ଗମାନଙ୍କର ଦାବିକୁ ବିଚାରକୁ ନେଇ ସଫେଇ କର୍ମଚାରୀ ନିଯୁକ୍ତି କରିବା ବିଧେୟ ହୋଇଥ ?ିବା ବେଳେ ସଫେଇ ଟେଣ୍ଡର ପାଇଥିବା ପ୍ରତ୍ୟୁଷ ସାନିଟେସନ ଏଥିରେ ବ୍ୟତିକ୍ରମ କରି ମନମୁଖୀ ଭାବେ ପାରିଷଦ ବର୍ଗଙ୍କୁ ବେଖାତିର କରିଥିଲା । ଅଦ୍ୟାବଧି ପାରିଷଦ ବର୍ଗଙ୍କ ସହ ସଫେଇ କର୍ମଚାରୀ ନିଯୁକ୍ତି ବାବଦରେ କୌଣସି ବିଧିବଦ୍ଧ ଆଲୋଚନା କରିନଥିଲେ । ଫଳରେ ଧାମନଗର ଏନ.ଏ.ସି ର ୮ ଜଣ ପାରିଷଦ ବର୍ଗମାନେ ଶନିବାର ୧୭/୮/୨୪ ତାରିଖ ଠାରୁ ଏନ.ଏ.ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ପ୍ରତିବାଦ କରିଆସୁଥିଲେ । ମଙ୍ଗଳବାର ପାରିଷଦ ବର୍ଗ ତରଫରୁ ଏନ ଏନ ସି ଉପାଧ୍ୟକ୍ଷ ଓସିମ ଏଜଦାନୀ କାଦରୀ,କାଉନସିଲର ରହିମା ଖାତୁନୁ ,ସେକ ଜୟନୁଲୁ ହକ,ସୁବାସିନୀ କର,ଜାନକୀ ଲତା ସେଠୀ,ଉମେତୁଲ ଅନ,ନଜମା ଖାତୁନୁଙ୍କ ସମେତ ବାଦ ପଡ଼ିଥିବା ସଫେଇ କର୍ମଚାରି ମାନେ ଏହି ଧାରଣାରେ ବସିଥିଲେ । ଖବର ପାଇ ଭଦ୍ରକ ନୂଆ ଜିଲାପାଳ ଦିଲ୍ଲୀପ ରାଉତରାୟ ଧାରଣ ସ୍ଥଳୀରେ ପହଞ୍ଚି ଥିଲେ ପରେ କାର୍ଯ୍ୟାଳୟରେ ଅଧ୍ୟକ୍ଷା ନିବେଦିତା ଜେନା,କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କ ସହ ଧାରଣାରେ ବସିଥିବା ପାରିଷଦ ବର୍ଗ ମାନଙ୍କ ସହିତ ଆଲୋଚନା କରିଥିଲେ । ତେବେ ନିଯୁକ୍ତି ପାଇଥିବା ଠିକା ସଂସ୍ଥା ସହ ଆଲୋଚନା କରି ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେବା ପରେ ଧାରଣାକୁ ପ୍ରତ୍ୟାହାର କରାଯାଇଥିଲା ।

ADMISSION OPEN

MAHARISHI PLAY SCHOOL


A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray